Annual Subscription Rs. 50.00 only

ମାତୃଭବନ

ମାସିକ ପତ୍ରିକା ଓ ସହଯୋଗୀ ପତ୍ରିକା

ଷଡ଼ତ୍ରିଂଶ ବର୍ଷ ◆ ପଞ୍ଚମ ସଂଖ୍ୟା ◆ ଅକ୍ଟୋବର ୨୦୨୬

The only thing worth livine for is to serve the Divine.

(Jan 1966) - **The Mother**


ଭଗବାନଙ୍କ ସେବା କରିବା ହିଁ ଜୀବନ ବଞ୍ଚିବାର
ଏକମାତ୍ର ସାର୍ଥକତା।

– **ଶ୍ରୀମା**

ମାତୃଭବନ

ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

୨୪ ନଭେମ୍ବର ୨୦୨୬



ପବିତ୍ର ସିଦ୍ଧିଦିବସ ତଥା ଶ୍ରୀଅରବିନ୍ଦ ଆଶ୍ରମର ଶତବାର୍ଷିକୀ ଅବସରରେ**"ମାତୃଭବନ ପତ୍ର"** ଓଡ଼ିଶାର ମାତୃସନ୍ତାନମାନଙ୍କ ସହିତ ପରମପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମା'ଙ୍କ ଚରଣ କମଳରେ କୃତଜ୍ଞତାପୂର୍ଣ୍ଣ ପ୍ରଣତି ଜଣାଉଛି।

ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ

ଆପଣ ଯାହା ଲେଖିଛନ୍ତି ସ୍ଥଳ ବିଶେଷରେ ତଥା ପରିସ୍ଥିତି ବିଶେଷରେ ଠିକ୍ ହୋଇପାରେ। ପ୍ରଥମ କଥା ହେଲା ନିଜକୁ ସମ୍ଭାଳି ରଖିବା ସକାଶେ ଚେଷ୍ଟା କରିବା ଭଲ। ଆପଣଙ୍କୁ ଯେଉଁ ଆଘାତ ଲାଗିଲା ତାକୁ ବରଦାସ୍ତ କରିବା କଠିନ। ଏପରି ବିକ୍ଷିପ୍ତ ଅବସ୍ଥାରେ ଯେଉଁ କାର୍ଯ୍ୟ କରାହେବ ତାହାର ପ୍ରଭାବ ବହୁତ କମ ହେବ ବା ବିପରୀତ ହୋଇପାରେ। ଯଦି ଅନ୍ୟକୁ ସୁଧାରିବାକୁ ହେବ ତେବେ ପ୍ରଥମରେ ନିଜେ ବିକ୍ଷୁବ୍ଧ ହେବନାହିଁ। ବିକ୍ଷୁବ୍ଧ ଅବସ୍ଥାରେ ମା'ଙ୍କୁ ଡାକିଲେ ତା'ର ପ୍ରଭାବ ପଡ଼େନାହିଁ। ବିକ୍ଷୁବ୍ଧତା ମନ ଉପରେ ବହୁତ ଚାପ ଦିଏ। ଏହିପରି ପ୍ରତିକୂଳ ଅବସ୍ଥାରେ ଯଦି ବ୍ୟକ୍ତି ନିଜକୁ ବିକ୍ଷୁବ୍ଧ ହେବାରୁ ରକ୍ଷା କରିପାରେ ତେବେ ଅନ୍ୟର ନିଶ୍ଚୟ ସୁଧାର ହେବାରେ ସାହାଯ୍ୟ କରେ। ବିକ୍ଷୁବ୍ଧ ଅବସ୍ଥାରେ ବାହାର କ୍ରିୟାର ପ୍ରଭାବ ବହୁତ କମ ହୁଏ। ବିକ୍ଷୁବ୍ଧ ନହେବା ସକାଶେ କହିବାରେ ଯେତେ ସହଜ କାର୍ଯ୍ୟରେ ଯଥାର୍ଥରେ ମୋଟେ ସହଜ ନୁହେଁ। ହଜାର ପ୍ରକାର ଚେଷ୍ଟା କଲେ ସଫଳତା ମିଳେ ନାହିଁ। ଯଦି ବ୍ୟକ୍ତି ବୁଝିପାରେ, ନିଜେ ବିକ୍ଷୁବ୍ଧ ନହେଲେ ଅଧିକ ପ୍ରଭାବ ପଡ଼ିବ ତେବେ ସେ ସାବଧାନ ହୁଏ, ମା'ଙ୍କୁ ଡାକେ, ତେବେ ବିକ୍ଷୁବ୍ଧ ପୂରାମାତ୍ରାରେ ଆସେ ନାହିଁ ଏବଂ ଅଧିକ ଅଭିଭୂତ କରେ ନାହିଁ, ଅଳ୍ପ ସମୟରେ ମଧ୍ୟ ଚାଲିଯାଏ। ବିକ୍ଷୁବ୍ଧ ନହୋଇ ପରିସ୍ଥିତି ଅନୁସାରେ ବାହ୍ୟ ଉପାୟ ମଧ୍ୟ କରାଯାଇପାରେ। ଆପଣ ଏହି ପ୍ରଣାଳୀରେ ଚେଷ୍ଟା କରନ୍ତୁ।

ଯେତେବେଳେ ବିକ୍ଷୁବ୍ଧ ଭାବ ଆସିବ ସେତେବେଳେ ଶୀଘ୍ର ଶୀଘ୍ର ନାମଜପ କରିବେ। ସମସ୍ତ ଘଟଣାକୁ ମା'ଙ୍କ ଚରଣରେ ସମର୍ପଣ କରିବେ। ଅନ୍ୟର ସୁଧାର ସକାଶେ ମା'ଙ୍କ ଚରଣରେ ଇଚ୍ଛା ରଖିବେ ଏବଂ ସମର୍ପଣ କଲେ, ଏହାର ଅଧିକ ପ୍ରଭାବ ପଡ଼େ। ଅଧିକରୁ ଅଧିକ ନାମଜପ କରନ୍ତୁ।

୨୨.୬.୮୧

(ତୃତୀୟ ଖଣ୍ଡ, ପୃ.୩୫୨)

●

ନୂତନ ଚେତନା ଓ ନୂତନ ଜଗତ

...କିନ୍ତୁ ବର୍ତ୍ତମାନର ଏହି ଅନ୍ଧକାର ମଧ୍ୟରୁହିଁ ନୂତନ ଚେତନା ଓ ନୂତନ ଜଗତର ଉଦ୍ଭବ ହେବ ଏବଂ ଏହି ସମ୍ବନ୍ଧରେ ଶ୍ରୀଅରବିନ୍ଦ ବହୁବର୍ଷ ପୂର୍ବେ ଏକ ପତ୍ରରେ ଲେଖିଥିଲେ :

"I am afraid I can hold out but cold comfort for the present at least to those of your correspondents who are lamenting the present state of things. Things are bad, are growing worse and may at any time grow worst or worse than worst if that is possible— and anything however paradoxical seems possible in the present perturbed world. The best thing for them is to realise that all this was necessary because certain possibilities had to emerge and be got rid of if a new and better world was at all to come into being; it would not have done to postpone them for a later time. It is as in Yoga where things active or latent in the being have to be put into action in the light so that they may be grappled with and thrown out or to emerge from latency in the depths for the same purificatory purpose. Also they can remember the adage that night is darkest before dawn and that the coming of dawn is inevitable. But they must remember too that the new world whose coming we envisage is not to be made of the same texture as the old and different only in pattern and that it must come by other means, from within and not from without—so the best way is not to be too much preoccupied with the lamentable things that are happening outside, but themselves to grow within so that they may be ready for the new world whatever form it may take."

– Sri Aurobindo

(CWSA, Vol 31, p.691)

ଅର୍ଥାତ୍, "ମୋର ଆଶଙ୍କା ହୁଏ, ତୁମ ସହିତ ଚିଠିପତ୍ରରେ ସମ୍ପର୍କ ରଖୁଥିବା ବ୍ୟକ୍ତିମାନେ – ଯେଉଁମାନେ ବର୍ତ୍ତମାନ ଅବସ୍ଥା ଦେଖି ଦୁଃଖ କରୁଛନ୍ତି – ମୁଁ ଅନ୍ତତଃ ସେମାନଙ୍କୁ ବିଶେଷ କିଛି ଆଶ୍ୱାସନା ଦେଇପାରିବି ନାହିଁ। ବର୍ତ୍ତମାନ ଅବସ୍ଥା ଖରାପ, ଆହୁରି ଖରାପ ହେବାକୁ ଯାଉଛି ଏବଂ ଯେକୌଣସି ସମୟରେ ନିତାନ୍ତ ଖରାପ ଅବସ୍ଥାରେ ପହଞ୍ଚିପାରେ, କିମ୍ବା ସମ୍ଭବ ହେଲେ ତାହାଠାରୁ ମଧ୍ୟ ଆହୁରି ଅଧିକ ଖରାପ ଅବସ୍ଥା ହୋଇପାରେ ଏବଂ ବର୍ତ୍ତମାନ ବିକ୍ଷୁବ୍ଧ ପୃଥିବୀରେ ଯାହାକିଛି ଅସମ୍ଭବ ଓ ପରସ୍ପର ବିରୋଧୀ ମନେହୁଏ ତାହା ମଧ୍ୟ ସମ୍ଭବ ହେବାକୁ ଯାଉଛି। ସେମାନଙ୍କ ପାଇଁ ଏହା ଉପଲବ୍ଧି କରିବା ସବୁଠାରୁ ଭଲ ହେବ ଯେ ଏହିସବୁର ଆବଶ୍ୟକତା ଥିଲା, କାରଣ ଯଦି ଏକ ନୂତନ ଓ ଉନ୍ନତତର ଜଗତ ସୃଷ୍ଟି କରିବାକୁ ହେବ, ତେବେ ତାହା ପୂର୍ବରୁ ଏହିପରି କେତେ ବିରୋଧୀ ସମ୍ଭାବନାସବୁ ଦେଖାଦେବ ଏବଂ ସମ୍ପୂର୍ଣ୍ଣ ବିଲୁପ୍ତ ହେବ। ପରବର୍ତ୍ତୀ ସମୟରେ ସମାଧାନ ନିମିତ୍ତ ଏଗୁଡିକ ସାମୟିକ ବନ୍ଦକରି ଦିଆଗଲେ ଚଳିବ ନାହିଁ। ଏହା ହେଉଛି ଠିକ୍ ଯୋଗର ପ୍ରକ୍ରିୟା ପରି, ଯେଉଁଠି ସତ୍ତା ମଧ୍ୟରେ ଥିବା ସକ୍ରିୟ ବା ସୁପ୍ତ ବିଷୟଗୁଡିକୁ ଆଲୋକର ସମ୍ମୁଖରେ କ୍ରିୟା କରିବାକୁ ଛାଡ଼ି ଦିଆହୁଏ। ଯାହା ଫଳରେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ଦୂରକୁ ନିକ୍ଷେପ କରାଯିବ ଅଥବା ଅନୁରୂପ ବିଶୁଦ୍ଧୀକରଣ ପାଇଁ ଗହ୍ୱର ମଧ୍ୟରେ ସୁପ୍ତ ଥିବା ବସ୍ତୁକୁ ଅଣାଯିବ। ସେମାନେ ମଧ୍ୟ ସେହି ପ୍ରାଚୀନ ସ୍ମୃତିକୁ ସ୍ମରଣ କରି ପାରନ୍ତି ଯେ ଉଷାକାଳ ପୂର୍ବରୁ ରାତ୍ରି ଘୋର ଅନ୍ଧକାରପୂର୍ଣ୍ଣ ହୋଇଥାଏ, ଏବଂ ଉଷାର ଆଗମନ ଅନିବାର୍ଯ୍ୟ। କିନ୍ତୁ ସେମାନେ ଆହୁରି ମଧ୍ୟ ମନେରଖିବା ଉଚିତ, ଯେଉଁ ନୂତନ ଜଗତର ଆଗମନୀ ପାଇଁ ଆମ୍ଭେମାନେ ପ୍ରୟାସ କରୁଛୁ, ତାହା ପୁରାତନ ଜଗତ ସହ କେବଳ ଗଠନ ଓ ନମୁନାରେ ଯେ ଭିନ୍ନ ତାହା ନୁହେଁ, ତାହାଠାରୁ ଭିନ୍ନ ଉପାଦାନରେ ମଧ୍ୟ ଏହା ଗଠିତ ହେବ, ଏବଂ ଏହା ଆସିବ ଅନ୍ୟ ଉପାୟ ମାଧ୍ୟମରେ ଅର୍ଥାତ୍ ତାହା ଗଠିତ ହେବ ଅନ୍ତରରୁ, ବାହାରୁ ନୁହେଁ। ତେଣୁ ସବୁଠାରୁ ଉତ୍ତମ ପନ୍ଥା ହେଲା ବାହାରେ ଘଟୁଥିବା ଶୋଚନୀୟ ଘଟଣା ଦେଖି ବ୍ୟସ୍ତ ନ ହେବା କିନ୍ତୁ ଅନ୍ତର ମଧ୍ୟରେ ନିଜର ଅଭିବୃଦ୍ଧିକୁ ଅବ୍ୟାହତ ରଖିବା ଯାହା ଫଳରେ ସେମାନେ ନୂତନ ଜଗତ ପ୍ରତି ପ୍ରସ୍ତୁତ ହେବେ, ତାହା ଯେଉଁ ରୂପରେ ଆସୁ ନା କାହିଁକି।"

(କ୍ରମଶଃ)

ପ୍ରପତ୍ତି

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ-୨ୟ ଖଣ୍ଡ, ପୃ.୩୧୮)

●

ଏବେବି ମନେପଡ଼େ.....

ଆମେ ଯାହା ଭାବୁ

ଆଜିକାଲି ଲେଖିବାକୁ କେଜାଣି କାହିଁକି ନିର୍ଦ୍ଦିଷ୍ଟ ପ୍ରେରଣା ଆସୁନାହିଁ। ଆମର ଲେଖିବାକୁ ବସୁଥିଲେ ଗୋଟିଏ ପରେ ଗୋଟିଏ ବିଷୟ, ଅନୁଚ୍ଛେଦ, ଧାଡ଼ି ଏପରିକି ଶବ୍ଦ ପରେ ଶବ୍ଦ ମଧ୍ୟ ଆପେ ଆପେ ଆସି ଯାଉଥିଲେ। ବେଳେବେଳେ ସେମାନେ ଏତେ ବେଗାବେଗି ଆସୁଥିଲେ ଯେ କେଉଁଟା ପ୍ରଥମେ ଲେଖିବି ଆଉ କେଉଁଟା ପରେ ଲେଖିବି ଜାଣିପାରୁନଥିଲି। ସେମାନେ ବେଳେବେଳେ ମତେ ପୁରା ବିବ୍ରତ (Confuse) କରି ପକାଉଥିଲେ। କାଳେ ଭୁଲିଯିବି ବୋଲି ପୃଷ୍ଠାର ମାର୍ଜିନ୍‌ରେ ଟିପି ପକାଉଥିଲି। ଏବେ ଯେତେ ଭାବିଲେ ମଧ୍ୟ କିଛି ସେପରି ବିଷୟ ଆଉ ଆସୁ ନାହିଁ।

ହଠାତ୍ କାହିଁକି ମନରେ ଆସିଲା ଯେ ସେ ସମୟରେ, ଯେତେବେଳେ ଅପେକ୍ଷାକୃତ ସହଜ, ସରଳ, ହାସ୍ୟରସ, କରୁଣ ଇତ୍ୟାଦି ବିଷୟ ଲେଖାଯାଉଥିଲା, ଆଉ ନାହିଁ। ଅର୍ଥାତ୍ ସେ ସବୁ ଯେ ହେଉନାହିଁ ତାହା ନୁହେଁ ମାତ୍ର ଆମକୁ ତାହାଠାରୁ ଊର୍ଦ୍ଧ୍ୱକୁ ଯିବାକୁ ହେବ। ଊର୍ଦ୍ଧ୍ୱ ମାନେ ସବୁବେଳେ ଖୁବ୍ ଓଜନଦାର, ଗମ୍ଭୀର ବିଷୟ ନୁହେଁ ମାତ୍ର ଯେଉଁ ବିଷୟ ପ୍ରକୃତରେ ଆବଶ୍ୟକ, ଯାହା ଆମକୁ ଏକାଗ୍ର ହେବାରେ, ଚିନ୍ତା କରିବାରେ ସାହାଯ୍ୟ କରେ ସେହିସବୁ ଉପରେ କିଛି ଲେଖିବାକୁ ଉଦ୍ୟମ କରିବାକୁ ପଡ଼ିବ। ଆମେ ଯଦି ଭାବୁଥାଉ ଯେ ଆମର ସମସ୍ତ କିଛିକୁ ଅର୍ଥାତ୍ ଆମର ଭାବନା, ଚିନ୍ତା, ବିଚାର, କଳ୍ପନା ପ୍ରଭୃତିକୁ ଆଉ କେହି ପରିଚାଳିତ କରୁଛନ୍ତି, ତେବେ ଆମେ ଅତ୍ୟନ୍ତ ସହଜରେ ତାଙ୍କ ନିକଟରେ ସମର୍ପିତ ହୋଇ ସେହି କାର୍ଯ୍ୟରେ ଅଂଶଗ୍ରହଣ କରିବାର ସୁଯୋଗ ନେଇପାରିବା।

ବର୍ତ୍ତମାନ ଲେଖାଲେଖି ବିଷୟରେ ଚିନ୍ତା କରାଯାଉ। ଯଦି ଲେଖାଲେଖି ଆମକୁ ସହଜ ଲାଗୁନି କିମ୍ବା ଆମେ କିଛି ପ୍ରେରଣା ପାଉନୁ ତା'ମାନେ ଆମେ ପୂର୍ବଭଳି ସେଇ ଅବସ୍ଥାରେ ଅଛୁ। ଯେତେବେଳେ ପ୍ରେରଣା ପାଇଁ ଅପେକ୍ଷା କରାଯାଏ, ସେତେବେଳେ ଆମେ କେବଳ ଅପେକ୍ଷା କରିବା ବ୍ୟତୀତ ଆଉ କିଛି କରୁ କି ? ଆମେ ଅପେକ୍ଷା କରିବା ସହିତ ନିବିଡ଼ ଭାବରେ ପ୍ରାର୍ଥନା କରିବାକୁ ହେବ।

ଏମିତି ଗୋଟିଏ ଅନୁଭବ ସ୍ମରଣରେ ଆସିଲା। ଲେଖିବାକୁ ଉଦ୍ୟମ କରୁଛି। ଥରେ ମାତୃଭବନ ଶିକ୍ଷାକେନ୍ଦ୍ରର ଜଣେ ଅପା ତଥା ଅଭିଭାବକ ମୋ ପାଖକୁ ଆସିଥିଲେ। ତାଙ୍କ ପୁଅ ସ୍କୁଲରେ ପଢୁଅଛି ଏବଂ ସେ ନିଜେ ଜଣେ ସ୍କୁଲର ଅପା। ଏକାବେଳକେ ଦୁଇଟି ଭୂମିକା। ତାଙ୍କର ମୋ ସହିତ କଥାବାର୍ତ୍ତା ଚାଲିଲାବେଳେ ତାଙ୍କ ସ୍ୱାମୀ ଫୋନ୍ କଲେ। ସେ ଫୋନ୍‌ରେ କଥା ହୋଇ ମୋତେ କହିଲେ ଯେ ତାଙ୍କ ପିଲାର ଟିକେ ଜ୍ୱର ଥିଲା ଏବଂ ସେଥିରେ ମଧ୍ୟ ସ୍କୁଲକୁ ଆସିଚି। ତା' ଦେହ କଥା ବୁଝିବା ପାଇଁ ତା' ବାପା ଚାଲିଆସିଛନ୍ତି। ମୋଠାରୁ ବିଦାୟ ନେଇ ସେ ଅପା ଚାଲିଗଲା ପରେ ମୋ ମଧ୍ୟରେ ହଠାତ୍ ଆସିଲା ପିଲାର ବାପାଙ୍କ ସହିତ ଟିକେ ସାକ୍ଷାତ ହୋଇଥିଲେ ଭଲ

ହୋଇଥା'ନ୍ତା। ମୋର ଭାବିବା ସମ୍ପୂର୍ଣ୍ଣ ଶେଷ ହୋଇନାହିଁ ଉକ୍ତ ଅପା ତାଙ୍କ ସ୍ୱାମୀଙ୍କୁ ଧରି ମୋ ରୁମ୍‌ରେ ପ୍ରବେଶ କଲେ। ମୁଁ ପୂରା ଆଶ୍ଚର୍ଯ୍ୟ ହୋଇଗଲି। କହିଲି, "ଆପଣଙ୍କୁ ସାକ୍ଷାତ କରିବାପାଇଁ ଭାବୁଥିଲି। ଆପଣ ଜାଣିଲା ପରି ଆସି ପହଞ୍ଚିଲେ।" ଅପା କହିଲେ, ସେ କହିଲେ ଟିକେ ଭାଇଙ୍କୁ ଦେଖା କରିଯିବା। ଘଟଣାଟା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ ମାତ୍ର ଏଠାରେ ଗୋଟିଏ ସୂକ୍ଷ୍ମଭାବରେ ଆସ୍ପୃହା କାମ କଲା।

ଆଉ ଥରେ ମୁଁ ଭୁବନେଶ୍ୱରରୁ କଟକ ଫେରୁଥାଏ। ବାଟରେ ଦେଖିଲି ଖୁବ୍ ସଜ ଫୁଲକୋବି ବିକ୍ରି ହେଉଛି। ମୋର ଇଚ୍ଛା ହେଲା କିଛି ଫୁଲକୋବି କିଣି ନେବାପାଇଁ। ମାତ୍ର ଗାଡ଼ି ଅଟକାଇ ସେମାନଙ୍କ ପାଖକୁ ଗଲେ ସେମାନେ କାଳେ ଦାମ୍ ଅତ୍ୟଧିକ କହନ୍ତି। ମୋ ସାଙ୍ଗରେ ଯିଏ ଥିଲେ ସେ କହିଲେ ନୂଆ ନୂଆ କୋବି ବାହାରିଚି ତେଣୁ ଦାମ୍ ବେଶୀ ହୋଇଛି, ଆଉ ୧୦/୨୦ ଦିନ ପରେ ଦାମ କମିଯିବ। ମାତ୍ର ମୋ ଭିତରେ ଫୁଲକୋବି ତରକାରୀ ଖାଇବାପାଇଁ ଗୋଟିଏ ସୂକ୍ଷ୍ମ ଇଚ୍ଛା ରହିଗଲା। (ଲାଳସା ନୁହେଁ) ମାତୃଭବନରେ ପହଞ୍ଚି ଉକ୍ତ ବନ୍ଧୁଙ୍କ ସହିତ ଖାଇବାକୁ ଗଲାବେଳେ ଦେଖିଲି ଆମର ଡାଇନିଂରେ ଆଳୁ ଫୁଲକୋବି ତରକାରୀ ହୋଇଛି ଏବଂ ଅପୂର୍ବ ସାଦିଷ୍ଟ ହୋଇଛି। ମୁଁ ତ କାହାରିକୁ କହି ଥିଲି। ମାତ୍ର ସେ ବନ୍ଧୁଙ୍କ ପ୍ରରୋଚନାରେ କୋବି ନ କିଣିବାରୁ ଭିତରେ ଭିତରେ ଅସନ୍ତୁଷ୍ଟ ହେଉଥିଲି। ମାତ୍ର ମାତୃଭବନର କୋବି ତରକାରୀ ଦେଖି କାବା ହୋଇଗଲି। ଯେପରି ଲାଗିଲା କେହି ଜଣେ ଜାଣିପାରି ଏହି ବ୍ୟବସ୍ଥା କରିଛନ୍ତି।

ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଶିକ୍ଷା ସଚିବ ଥିବା ସମୟର ଘଟଣା। ତାଙ୍କ ସହିତ ବିଭିନ୍ନ ସୂତ୍ରରୁ ସାକ୍ଷାତ ହେଲା। ମୁଁ, ସଞ୍ଜୟ, ସରୋଜ, ଅଞ୍ଜଳି, ଶଙ୍କର ଭାଇ ପ୍ରଭୃତି ଯାଇଥାଉ। ଗଲାବେଳେ ମୁଁ ଭାବିକରି ଯାଇଥାଏ ଯେ ତାଙ୍କୁ ନିମନ୍ତ୍ରଣ କରିବି ଆମର କୌଣସି ସ୍କୁଲକୁ ଆସିବାପାଇଁ। ପ୍ରଥମ ସାକ୍ଷାତରେ ସେ ଆମ ସମସ୍ତଙ୍କର ପରମ ଆତ୍ମୀୟ ଭଳି ଲାଗିଲେ। ଆମ ଶିକ୍ଷା ବିଷୟଠାରୁ ଆରମ୍ଭ କରି ଯାହା ଯାହା ଜାଣିବା କଥା ପଚାରି ସାରିବା ପରେ ମତେ ଅନୁରୋଧ କରିବାକୁ ସୁଯୋଗ ନଦେଇ ସେ ନିଜ ଆଡୁ କହିଲେ, "ତ୍ରିପାଠୀ ବାବୁ, ମୁଁ ଆପଣଙ୍କର କେତୋଟି ସ୍କୁଲକୁ ଦେଖିବାକୁ ଚାହୁଁଛି। ପ୍ରଥମେ ଗୋଟିଏ ଗ୍ରାମାଞ୍ଚଳରେ ଏବଂ ପରେ ଗୋଟିଏ ସହରାଞ୍ଚଳ ସ୍କୁଲ ଯିବି। ମୋ ଆଖିରୁ ଆନନ୍ଦାଶ୍ରୁ ବହିବାକୁ ଆରମ୍ଭ ହେଲା। ମୁଁ କହିଲି ଅପା, ଆଜି ଆପଣଙ୍କୁ ଅନୁରୋଧ କରିବାକୁ ଆସିଥିଲୁ ଆମ ସ୍କୁଲ ଦେଖିବା ପାଇଁ । ସେ ସାଙ୍ଗେ ସାଙ୍ଗେ କହିଲେ, "କାହିଁକି, ସେ ସ୍କୁଲ କ'ଣ ମୋ ସ୍କୁଲ ନୁହେଁ? ଆପଣ ଅନୁରୋଧ କାହିଁକି କରିବେ। ମୋର ଦାୟିତ୍ୱ ତୃଷ୍ଟିରୁ ମୁଁ ନିଶ୍ଚୟ ଯିବି।" ସାଙ୍ଗେ ସାଙ୍ଗେ ତାରିଖ ସ୍ଥିର ହୋଇଗଲା।

ଆମ ଆସ୍ପୃହା କେତେ ତୀବ୍ର ଭାବରେ ତାଙ୍କ ଭିତରେ କାମକଲା, ଆମେ ଫେରିବାବେଳେ ଆଲୋଚନା କରି କରି ଆସିଲୁ।

ଏମିତି ଦେଖିଲେ ଆମ ଅଜାଣତରେ ମଧ୍ୟ ଆମର ଅନେକ ଆସ୍ପୃହା କାର୍ଯ୍ୟକରେ। ମାତ୍ର ଆମେ ସଚେତନ ନଥାଉ। ଏହା ଏକ ଅତ୍ୟନ୍ତ ବାସ୍ତବ କଥା।

ସମସ୍ତଙ୍କ ନିକଟରେ ଭଲ ଦେଖିବା

ମଇଳାକୁ ସିନା ଆମେ ଘରେ ରଖିବା ନାହିଁ ମାତ୍ର ସେହି ମଇଳାକୁ ଗଛ ମୂଳରେ ଦେଲେ ତାହା ଆମକୁ ଖୁବ୍ ସୁମିଷ୍ଟ ଫଳ କିମ୍ବା ସୁନ୍ଦର ସୁନ୍ଦର ଫୁଲ ପ୍ରଦାନ କରିବ, ଏକଥା କେବେବି ଭୁଲିବା ନାହିଁ। ଆମେ "ମଣିଷଟା ନା ଘୁଷୁରିଟା" ବୋଲି ଗାଳି ଦେଇଥାଉ। ମାତ୍ର ଜାଣିବା ଦରକାର, ଘୁଷୁରି ଯେତିକି ମଇଳା ସଫା କରିଥାଏ ତାହା ଯଦି ସେ ନଥାନ୍ତା ତେବେ ଆମ ଚତୁର୍ଦ୍ଦିଗ କେତେ ମଇଳା ହୋଇ ଥାଆନ୍ତା।

ଆମେ ସଁବାଳୁଆକୁ ଭଲ ପାଉନି ମାତ୍ର ପ୍ରଜାପତି ଆମର ପ୍ରିୟ। ଯଦି ଆମେ ଗୋଟିଏ ସଁବାଳୁଆକୁ ମାରି ଦେଉ ତେବେ ଗୋଟିଏ ପ୍ରଜାପତିକୁ ମାରିଦେଲୁ ବୋଲି ଜାଣିବା। ତେଣୁ ସଁବାଳୁଆ ପ୍ରତି ମଧ୍ୟ ଆମର ସହାନୁଭୂତି ରହିବା ଦରକାର।

ଏପରି ଦେଖିଲେ ଭଗବାନଙ୍କ ସୃଷ୍ଟିରେ କେହିବି ଅଦରକାରୀ ନୁହନ୍ତି। ଏବଂ ସମସ୍ତଙ୍କର କିଛି ନା କିଛି ଭୂମିକା ଅଛି। ସେମାନଙ୍କର ଆବଶ୍ୟକତା ଅନୁଯାୟୀ ସେମାନେ ବ୍ୟବହୃତ ହୋଇଥାନ୍ତି। ସମସ୍ତଙ୍କର ସ୍ଥାନ ସତନ୍ତ୍ର, ଭୂମିକା ସତନ୍ତ୍ର।

ସରକାରୀ ଅଫିସ ମାନଙ୍କରେ ଯଦି ଉଚ୍ଚପଦସ୍ଥ ଅଧିକାରୀମାନେ ଛୁଟିରେ ରହନ୍ତି କିଛି ଜଣାପଡ଼େ ନାହିଁ। କାରଣ ତାଙ୍କ ତଳ ସ୍ତରରେ ଯେଉଁମାନେ ଥାଆନ୍ତି ସେମାନେ କାମ ଚଳାଇ ନିଅନ୍ତି। ମାତ୍ର ଯଦି ଚତୁର୍ଥ ଶ୍ରେଣୀ କର୍ମଚାରୀ ୨/୩ଜଣ ଛୁଟିରେ ରହନ୍ତି ତେବେ ସମସ୍ତ ଅଫିସ୍ ଅଚଳ। କାରଣ ବେଲ୍ ମାରିଲେ କେହି ଶୁଣିବାକୁ ନାହାନ୍ତି। ଚା ଟିକେ, ପାଣି ଗ୍ଲାସେ ଆଣି ଦେବାକୁ କେହି ନାହାନ୍ତି। ସେଦିନ ସମସ୍ତଙ୍କର ମୁଣ୍ଡ ଖରାପ। ତେଣୁ ସେମାନଙ୍କର ଅନୁପସ୍ଥିତି ଏକଦମ୍ ସମସ୍ୟା ସୃଷ୍ଟିକରେ। ମାତ୍ର ତା'ମାନେ ନୁହେଁ ଯେ ପିଅନ ଯେ ଅଫିସରଙ୍କଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ। କାରଣ ତା'ର ସମସ୍ତ ଚାକିରୀଜନିତ ଆବଶ୍ୟକତା ଅଫିସରହିଁ ତୁଲାଇଥାନ୍ତି।

ଆମ ନିଜ ଶରୀରରେ ମଧ୍ୟ ଖୁବ୍ ସୁନ୍ଦର ଏବଂ ଚମତ୍କାର ଅଙ୍ଗ ଅଛି ଏବଂ ଅତ୍ୟନ୍ତ ଅପରିଷ୍କାର ଅଙ୍ଗ ମଧ୍ୟ ଅଛି। କେହି ବି ଅସୁସ୍ଥ ହେଲେ ସମଗ୍ର ଶରୀର ଅସୁସ୍ଥ ହୁଏ। ତେଣୁ ମସ୍ତିଷ୍କ ହେଉ ବା ଅନ୍ୟ କୌଣସି ଅଙ୍ଗ ହେଉ କେହି ବି ବେଶୀ କି କମ୍ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି। ଜଣେ IAS ଅଫିସର ଆଉ ଜଣେ ଚର୍ମକାର/ମୋଚୀ (ଯିଏ ଜୋତା ସିଲାଇ କରନ୍ତି) ମଧ୍ୟରେ IAS ପାଉଥିବା ବ୍ୟକ୍ତିଙ୍କ ନିକଟକୁ ମୋଚି ତାଙ୍କ ଜୀବନରେ ଥରେ ମଧ୍ୟ ଯିବାକୁ ନପଡ଼ିପାରେ। ମାତ୍ର IAS ଅଫିସର ଜୋତା ହଳେ କିଣିବା ପାଇଁ ମୋଚିର

ସାହାଯ୍ୟ ଆବଶ୍ୟକ କରିବେ। ଏହା ମାନେ ନୁହେଁ ଯେ IAS ଅଫିସରଙ୍କଠାରୁ ମୋଚି ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ମୋଚିଙ୍କ ଗ୍ରାମରେ ପାନୀୟଜଳ, ବିଦ୍ୟୁତ ସରବରାହଠାରୁ ଆରମ୍ଭ କରି ଯାବତୀୟ ସୁବିଧା ସୁଯୋଗ IAS ଅଫିସର ଅନୁମୋଦନ କଲେ ହିଁ ପ୍ରାପ୍ତ ହୁଏ। ତେଣୁ ଉଭୟ ଉଭୟଙ୍କ ଉପରେ ନିର୍ଭରଶୀଳ। କେହି ବେଶୀ ବା କମ୍ ଗୁରୁତ୍ୱପୂର୍ଣ୍ଣ ନୁହନ୍ତି।

ଏମିତି ଯଦି ଦେଖିବା ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ବସ୍ତୁ, ପ୍ରତ୍ୟେକ ବ୍ୟକ୍ତି, ପ୍ରତ୍ୟେକ ଘଟଣା, ସବୁକିଛି ଗୁରୁତ୍ୱପୂର୍ଣ୍ଣ। କେହି ବି ଅଦରକାର ବା ଅନାବଶ୍ୟକ ନୁହେଁ। କାରଣ ତା'ର ଆବଶ୍ୟକତା ଅଛି ବୋଲି ଭଗବାନ ତାକୁ ସୃଷ୍ଟି କରିଛନ୍ତି।

ବେଳେ ବେଳେ ଆମେ ଭାବୁ ଯେ ଯାହା ଆମକୁ ଭଲ ଲାଗେ ନାହିଁ ତାହା ଅନାବଶ୍ୟକ। କାରଣ ଆମ ଚିନ୍ତାରେ ଭାବନାରେ ତା'ର କୌଣସି ଆବଶ୍ୟକତା ଅନୁଭବ କରୁନାହୁଁ। ତା' ସାଙ୍ଗେ ସାଙ୍ଗେ ଭଗବାବନଙ୍କ ସୃଷ୍ଟିକୁ ମଧ୍ୟ challenge କରୁ ଏପରି ଅପଦାର୍ଥ, ଅନାବଶ୍ୟକ ସବୁ ପ୍ରଭୁ କାହିଁକି ସୃଷ୍ଟି କରିଛନ୍ତି। ଆମେ ସେତେବେଳେ ଭାବି ନଥାଉ ଯେ ଆମେ ଯାହାକୁ ଅନାବଶ୍ୟକ ବୋଲି ଭାବୁଛୁ ହୁଏତ ସିଏ ମଧ୍ୟ ଆମକୁ ଅନାବଶ୍ୟକ ବୋଲି ଭାବୁଥିବ। ଏବଂ ଆମକୁ ସୃଷ୍ଟି କରି ଭଗବାନ ଏକ ବିରାଟ ଭୁଲ କରିଛନ୍ତି ବୋଲି ମନେ ମନେ ଭାବୁଥିବ। ତେଣୁ କାହାରିକୁ ମଧ୍ୟ ଅନାବଶ୍ୟକ ବା ଅଦରକାରୀ ଭାବିବା ସମ୍ପୂର୍ଣ୍ଣ ଅନୁଚିତ।

ରାମାୟଣ ମହାକାବ୍ୟରେ ଶ୍ରୀରାମଚନ୍ଦ୍ରଙ୍କର ଉପସ୍ଥିତିର ଯେତିକି ଆବଶ୍ୟକତା ଅଛି ରାବଣର ଉପସ୍ଥିତିର ମଧ୍ୟ ସେତିକି ଆବଶ୍ୟକତା ଅଛି। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ସମସ୍ତଙ୍କୁ ଭଗବାନ ବୋଲି ଚିହ୍ନାଇବାରେ ରାବରଣ ଭୂମିକା ଅନସ୍ୱୀକାର୍ଯ୍ୟ। ରାବଣ ନଥିଲେ ରାମାୟଣ ମହାକାବ୍ୟ ଆଦୌ ରଚନା ହିଁ ହୋଇ ନଥାନ୍ତା।

ବାସ୍ତବରେ ସମସ୍ତେ ଭିନ୍ନ ଭିନ୍ନ ଦାୟିତ୍ୱ ତୁଲାଇବାକୁ ଆସିଥା'ନ୍ତି। ମାତ୍ର ତତ୍ତ୍ୱତଃ ସମସ୍ତେ ଭଗବାନଙ୍କର ସୃଷ୍ଟି। ମୂଳ ସରୂପରେ ସମସ୍ତେ ଭଗବାନ ପରେ ପରେ ସମସ୍ତେ ନିର୍ଦ୍ଦିଷ୍ଟ ଦାୟିତ୍ୱରେ ଥାଇ ସେମାନଙ୍କର କାର୍ଯ୍ୟ ତୁଲାଇଥାନ୍ତି। ତେଣୁ ଆମେ ସମସ୍ତଙ୍କଠାରେ ସେମାନଙ୍କର ପ୍ରୟୋଜନୀୟତାର ଗଣୁ (ଭଲଗୁଣ) ଦେଖିବା ଦରକାର ତା'ହେଲେ ସେମାନଙ୍କର ଯଦିବା କିଛି ମନ୍ଦ ଗୁଣ ଥିବ ତାହା ଆଉ ଆମକୁ ଦେଖାଯିବ ନାହିଁ।

ପ୍ରସାଦ ତ୍ରିପାଠୀ

●

ସଙ୍ଗଠନ ସମାଚାର

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଃ- ସେପ୍ଟେମ୍ବର ୧୨ ଓ ୧୩ ତାରିଖ ଦୁଇଦିନ ଧରି ମାତୃଭବନ, କଟକଠାରେ ୩୭ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ଏ.ଏସ୍.ଦଲାଲଙ୍କ ଦ୍ୱାରା ଅନୁମୋଦିତ "ରୋଗ ଏବଂ ଅସୁସ୍ଥତାର ଉତ୍ପତ୍ତି" ଶୀର୍ଷକ ବିଷୟବସ୍ତୁକୁ ନେଇ ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ "ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଧାରଣ ରୋଗ ଓ ଅସୁସ୍ଥତାର କାରଣ", "ଗର୍ଭବତୀ ମାଆ ଓ ନବଜାତ ଶିଶୁଙ୍କ ଅସୁସ୍ଥତାର କାରଣ", "ଭୁଲ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟଗତ ବିପଦ- ଯଥା କ୍ଷତିକାରକ ଖାଦ୍ୟ ଅଭ୍ୟାସ, ଅଣୁଜୀବ ଏବଂ ଅସୁସ୍ଥତା, ମୋବାଇଲ ଏବଂ ଗଣମାଧ୍ୟମର ଅପବ୍ୟବହାର, ନିଦ୍ରାହୀନତା ଏବଂ ଅସୁସ୍ଥତା, ଘର ଏବଂ କାର୍ଯ୍ୟକ୍ଷେତ୍ର ଅସଜଡା ଏବଂ ଅସୁସ୍ଥତା, ଭୟ- ଅସୁସ୍ଥତାର କାରଣ, ଶରୀର ଓ ମନର ଅସନ୍ତୁଳନ ଏବଂ ପ୍ରତିକୂଳ ଶକ୍ତି", "ପୂର୍ଣ୍ଣାଙ୍ଗ ଯୋଗରେ ଅସୁସ୍ଥତା", "ଦେବସ୍ନାନ ପୂର୍ଣ୍ଣିମା ପରେ ଶ୍ରୀଜୀଉଙ୍କ ଅସୁସ୍ଥତାର ରହସ୍ୟ", "ରୋଗ ଓ ବିଶୃଙ୍ଖଳା", "ମହିଳାମାନଙ୍କ ଅସୁସ୍ଥତା", "ଭବିଷ୍ୟତ ପାଇଁ ପ୍ରସ୍ତୁତି", "ବିଦ୍ୟାଳୟ ସ୍ୱାସ୍ଥ୍ୟ ସୁବିଧା ପ୍ରାପ୍ତିର ଉପାୟ ଏବଂ ସୁମନ ସେଚ୍ଛାସେବକମାନଙ୍କର ପ୍ରଶିକ୍ଷଣ" ଓ "ସୁମନ ସେଚ୍ଛାସେବକ ପାଇଁ ଶ୍ରୀଅରବିନ୍ଦ ପାଠଚକ୍ର କର୍ମୀମାନଙ୍କୁ ବାଛିବା ପ୍ରଣାଳୀ" ଆଦି ବିଷୟଗୁଡିକ ସମ୍ପର୍କରେ ବିଭିନ୍ନ ଡାକ୍ତରମାନେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାହାରୁ ଡ. ସୌମିତ୍ର ବସୁ, ସମ୍ପଦାନନ୍ଦ ମିଶ୍ର, ଉତ୍ପଳା ଖରୋଡ, ନିଖିଲ ଖରୋଡ, ରେବା କାନୁନଗୋ ତଥା ଓଡିଶାର ବିଶିଷ୍ଟ ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ପ୍ରସାଦ ତ୍ରିପାଠୀ, ଶ୍ରୀଧର ସାହୁ, ପ୍ରଶାନ୍ତ କୁମାର ପାତ୍ର ଓ ଡ. ବିଜୟ ସାହୁଙ୍କ ପରିଚ୍ଛଳନାରେ "ଭବିଷ୍ୟତ ପାଇଁ ପ୍ରସ୍ତୁତି" ସମ୍ପର୍କରେ ଆଲୋଚନା କରାଯାଇଥିଲା।

ସେପ୍ଟେମ୍ବର ୨୬ ତାରିଖରେ ଆମର ପ୍ରିୟ ତଥା ପୂଜ୍ୟ ମାମୁଁ ଶ୍ରୀ ଗଦାଧର ମିଶ୍ରଙ୍କ ୮୩ତମ ଜନ୍ମଦିବସ ଉପଲକ୍ଷ୍ୟେ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ "ଦଶକର୍ମଧାରା ଦିବସ" ପାଳିତ ହୋଇଯାଇଛି। ଉକ୍ତ ଦିନ ପୂର୍ବାହ୍ନରେ ଅନେକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ତଥା ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ପ୍ରଭୃତି ଦଶକର୍ମଧାରା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟଧାରାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଆସନ୍ତାବର୍ଷ ପାଇଁ ଜିଲ୍ଲାସ୍ତରୀୟ ଏବଂ ଜୋନ୍‌ସ୍ତରୀୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ପ୍ରସ୍ତୁତ କରି ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ONLINE ସଭାରେ ପ୍ରକାଶ କରିଥିଲେ। ସମର୍ପଣ, ସଙ୍ଗତି, ସମତା, ଆସ୍ଥା ଏବଂ ନିଷ୍ଠାଜୋନ୍ ମାନଙ୍କର ପ୍ରସ୍ତାବ ଖୁବ୍ ଆକର୍ଷଣୀୟ ଥିଲା। ଉକ୍ତ ଦିନ

ଅପରାହ୍ନ ୩ ଟାରୁ ୫ଟା ମଧ୍ୟରେ ବିଭିନ୍ନ ଜୋନ୍‌ରେ ଥିବା ଜିଲ୍ଲାମାନଙ୍କୁ ନେଇ ଆସନ୍ତାବର୍ଷ ପାଇଁ ପ୍ରତି ଜିଲ୍ଲାର ଦଶକର୍ମଧାରା ସମ୍ପର୍କରେ ପ୍ରସ୍ତାବ ଦେବା ପାଇଁ ଆଲୋଚନା କରାଯାଇଥିଲା। ଉପରୋକ୍ତ ୫ଟି ଜୋନ୍‌ରେ ପ୍ରସ୍ତୁତି ସମ୍ପୂର୍ଣ୍ଣ ଆବଶ୍ୟକ ଅନୁଯାୟୀ କରିଥିଲେ। ଆଉ ଘ୍ରୋଟି ଜୋନ କରିଥିବା ପ୍ରସ୍ତାବଗୁଡିକୁ ଆଉଥରେ ଆଲୋଚନା କରିବାକୁ ଅନୁରୋଧ କରାଗଲା। ଆସ୍ଥହା ଜୋନ୍‌ରୁ ଏହି କାର୍ଯ୍ୟକ୍ରମରେ କେହି ଯୋଗଦାନ କରି ନଥିବାରୁ କୌଣସି ପ୍ରସ୍ତାବ ଆସିନଥିଲା। ଅପରାହ୍ନ ୫ଟା ବେଳେ ରାଜ୍ୟସ୍ତରୀୟ ଦଶକର୍ମଧାରା ସଙ୍ଗଠକମାନେ ଯୋଗଦେଇ ନିଜ ନିଜ କାର୍ଯ୍ୟଧାରା ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ଏହି ସବୁ ପ୍ରସ୍ତାବ ଉପରେ ଆସନ୍ତା ଏପ୍ରିଲ ସମ୍ମିଳନୀରେ ବିଷଦ ଭାବେ ଆଲୋଚନା କରାଯିବା ପାଇଁ ସ୍ଥିର କରାଗଲା।

ଆସ୍ଥହା ମଣ୍ଡଳ

ଗଜପତି:- ୧.୯.୨୬ରେ ଆର୍. ଉଦୟଗିରିଠାରେ ଏକ ଶିଶୁ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜି. ଉଦୟଗିରିର ସଭ୍ୟ ସଭ୍ୟା ତଥା ଶିକ୍ଷାକେନ୍ଦ୍ରର ଅପା ଭାଇ ଏବଂ ଗ୍ରାମର ଅନେକ ଛାତ୍ର ଛାତ୍ରୀ ଯୋଗଦେଇ "ଆଦର୍ଶ ଶିଶୁ" ସମ୍ପର୍କରେ ଆଲୋଚନା କରିଥିଲେ।...୫.୯.୨୬ରେ ପାରଳାଖେମୁଣ୍ଡି ରାଜଗୁରୁ ସାହିସ୍ଥିତ ଅରବିନ୍ଦ ଦାସଙ୍କ ବାସଗୃହରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଅରବିନ୍ଦ ସୋସାଇଟି ପାରଳାଖେମୁଣ୍ଡିର କିଛି ସଭ୍ୟ ସଭ୍ୟା ତଥା ଶିକ୍ଷାକେନ୍ଦ୍ରର କିଛି ଅପା ଭାଇ ଯୋଗଦେଇଥିଲେ।... ୮.୯.୨୬ରେ ମାତୃପୀଠ ପାରଳାଖେମୁଣ୍ଡିଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସୁବାସିନୀ ପାଢ଼ୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାବାଜୀ ମହାରାଜଙ୍କ ଲିଖିତ ଦିବ୍ୟଯୁଗ ସ୍ଥାପନାରେ ନାରୀ ପୁସ୍ତକରୁ କିଛିଅଂଶ ପାଠକରି ଆଲୋଚନା କରାଯାଇଥିଲା।... ୧୨.୯.୨୬ରିଖ ହାଟପଦା ନିକଟସ୍ଥ ଆଶାଲତା ପଣ୍ଡାଙ୍କ ବାସଗୃହରେ ଗିରିଶ ଚନ୍ଦ୍ର ଦାସ ବିଷୋୟୀଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଅରବିନ୍ଦ ସୋସାଇଟି ପାରଳାଖେମୁଣ୍ଡିର ସଭ୍ୟ ସଭ୍ୟା ତଥା ଶିକ୍ଷାକେନ୍ଦ୍ରର ଅପା ଭାଇମାନେ ଯୋଗଦାନ କରିଥିଲେ।... ୧୫.୯.୨୬ରେ ମାତୃପୀଠ ପାରଳାଖେମୁଣ୍ଡିଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସୁବାସିନୀ ପାଢ଼ୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାବାଜୀ ମହାରାଜଙ୍କ ଲିଖିତ ଦିବ୍ୟଯୁଗ ସ୍ଥାପନାରେ ନାରୀ ପୁସ୍ତକ ପାଠ କରି ଆଲୋଚନା କରାଯାଇଥିଲା।... ୧୯.୯.୨୬ରେ ପାରଳାଖେମୁଣ୍ଡି କରଣ ସାହିସ୍ଥିତ ସୁବାସିନୀ ପାଢ଼ୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୯.୯.୨୬ରେ ଗଜପତି ଜିଲ୍ଲାର ସମସ୍ତ ପାଠଚକ୍ରରେ ସକାଳ ୬ଘଣ୍ଟା ଠାରୁ ସନ୍ଧ୍ୟା ୬ଘଣ୍ଟା ଦୀର୍ଘ ୧୨ଘଣ୍ଟା ଅଖଣ୍ଡ 'ମା' ନାମଜପ କାର୍ଯ୍ୟକ୍ରମ କରାଯାଇଥିଲା।...

୨୦.୯.୨୬ରେ ହରିଶ୍ଚନ୍ଦ୍ରପୁରଠାରେ କୃଷ୍ଣଚନ୍ଦ୍ର ରାଉତଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଜୀବନୀ" ଏବଂ "ଶ୍ରୀଅରବିନ୍ଦ ପାଠଚକ୍ର" ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଗଞ୍ଜାମ:- ୩୦.୯.୨୬ରେ ଉସ୍ତାପଡାସ୍ଥିତ ଦିବାକର ସାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଗୌରୀ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୀର୍ତ୍ତନ ପ୍ରଧାନ "ସମର୍ପଣ ବିନା ଯୋଗ ନାହିଁ", ସରୋଜିନୀ ପ୍ରଧାନ "ମା'ଙ୍କ ଉପରେ ନିର୍ଭରତା" ବିଷୟରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଳାବତୀ ସାଇଁ, ଶଶୀ ସାଇଁ, ଲକ୍ଷ୍ମୀ ସାଇଁ, ପୁଷ୍ପା ସାଇଁ ପ୍ରମୁଖ ସହଯୋଗ କରିଥିଲେ ।... ୧୦.୯.୨୬ରେ ଉସ୍ତାପଡାସ୍ଥିତ କୁମୁଦ ସାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ସରୋଜିନୀ ପ୍ରଧାନଙ୍କ ପରିଚାଳନାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୀତାଞ୍ଜଳି ପ୍ରଧାନ "ଦିବ୍ୟ କରୁଣା", ଗୌରୀ ରାଉତ "ଦିବ୍ୟ କର୍ମ ଓ ଦିବ୍ୟ କର୍ମୀ" ବିଷୟରେ ଆଲୋଚନା କରିଥିଲେ ।... ୧୩.୯.୨୬ରେ ପୋଲସରାଠାର ଗଞ୍ଜାମ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ବାର୍ଷିକ ଉତ୍ସବ ରତ୍ନପ୍ରଭା ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୂର୍ଯ୍ୟକାନ୍ତ ମହାରଣା "ଦୈନଦିନ ଜୀବନରେ ଶ୍ରୀଅରବିନ୍ଦଙ୍କ ଯୋଗ" ଏବଂ ବିକାଶ ରଞ୍ଜନ ପରିଡା "ଦେବ ମୁହୂର୍ତ୍ତ" ବିଷୟରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରିୟାଂଶି ସାହୁ ଓ ଅନ୍ୱେଷା ସାହୁ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଙ୍ଗଠନିକ ଆଲୋଚନାରେ ଶଶଧର ବେହେରା, ଗୀତାଞ୍ଜଳି ସେନାପତି, ରନ୍ ମଞ୍ଜରୀ ପାଢ଼ୀ ଅଂଶଗ୍ରହଣ କରିଥିଲେ । ଏହି ସଭାକାର୍ଯ୍ୟ ଓ ଶାରୀରିକ କ୍ରୀଡା କାର୍ଯ୍ୟକୁ ଗୋବିନ୍ଦ ଚନ୍ଦ୍ର ଜେନା ଓ ସୁଶାନ୍ତ କୁମାର ଲେଙ୍କା ପରିଚାଳନା କରିଥିଲେ । ପରିଶେଷରେ ସୁବାସ ଚନ୍ଦ୍ର ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ । ଉକ୍ତ ସମ୍ମଳିନୀରେ କୀର୍ତ୍ତନ ପ୍ରଧାନ, ସୁଲତା ସାହୁ, ପ୍ରମୋଦ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ବେହେରା, ମୃତ୍ୟୁଞ୍ଜୟ ଜେନା, ଶଶି ସାଇଁ, ସରୋଜିନୀ ପ୍ରଧାନ, ଅଭିମନ୍ୟୁ ପ୍ରଧାନ ସହଯୋଗ କରିଥିଲେ ।... ଏତଦ୍‌ବ୍ୟତୀତ ରନ୍‌ମଞ୍ଜରୀ ପାଢ଼ୀଙ୍କ ପରିଚାଳନାରେ ଭଞ୍ଜନଗର, ଶ୍ରୀଅରବିନ୍ଦ ଶକ୍ତିମୟୀ ଟ୍ରଷ୍ଟ ତରଫରୁ ଅନଲାଇନ ଶ୍ରୀଅରବିନ୍ଦ ପାଠଚକ୍ରରେ ରଞ୍ଜିତ ଦାସ "ମାନବ ଯୁଗଚକ୍ର" ପୁସ୍ତକ ଆଲୋଚନା କରିଥିଲେ ।... ୧୬.୯.୨୬ରେ ପୋଲସରା ବ୍ଲକ୍, କେନ୍ଦୁବାଡି ଗ୍ରାମରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଧ୍ରୁବ ଚରଣ ବିଷୋୟୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁବାସ ଚନ୍ଦ୍ର ସାହୁ "ହେବ ଥଣ୍ଡା ମିଜାଜ୍‌ର" ବିଷୟରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚିନ୍ମୟୀ ଗୌଡ଼, ଶ୍ରାବଣୀ ସ୍ୱାଇଁ, ଫକୀର ଗୌଡ଼ ଓ ତେଜସ୍ୱୀ ବିଷୋୟୀ ସହଯୋଗ କରିଥିଲେ ।

ଆସ୍ଥା ମଣ୍ଡଳ

ବାଲେଶ୍ୱର:- ୩୦.୮.୨୬ରେ ସୋର ବ୍ଲକ ଅନ୍ତର୍ଗତ ଅରୋଜ୍ୟୋତି ସାଧନା ପୀଠ, ମାଣତ୍ରୀଠାରେ ଆସ୍ଥା ଜୋନସ୍ତରୀୟ CUSAG ସମ୍ମିଳନୀ ଓ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଭଦ୍ରକ, ବାଲେଶ୍ୱର ଓ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ବିକ୍ରୟ କେନ୍ଦ୍ର ଏବଂ ବିଭିନ୍ନ ଖାଦ୍ୟ ସାମଗ୍ରୀ, ଧୂପ ପ୍ରସ୍ତୁତି କେନ୍ଦ୍ରର ମାତୃକର୍ମୀ ଓ ତିନୋଟି ଜିଲ୍ଲାର ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠକ ତଥା ପାଠଚକ୍ର ଭାଇଭଉଣୀମାନଙ୍କୁ ନେଇ ଜୋନାଲସ୍ତରୀୟ ବୈଠକରେ ପ୍ରସାଦ ତ୍ରିପାଠୀଙ୍କ online ଉପସ୍ଥିତି ସହିତ, ରାଜ୍ୟ CUSAG ସଙ୍ଗଠକ ନୀଳମଣି ପାଣି , ଜୋନାଲ ସଙ୍ଗଠକ ଶଶିକାନ୍ତ ଭୋଇ, ବାଲେଶ୍ୱର ଜିଲ୍ଲାର ଜିଲ୍ଲା ସଙ୍ଗଠକ ଦୟାନିଧି ପାତ୍ର, ରାମଚନ୍ଦ୍ର ସାଇଁ, କରୁଣାକର ବିଶ୍ୱାଳ, ମୟୁରଭଞ୍ଜ ଜିଲ୍ଲାରୁ ପ୍ରଫୁଲ୍ଲ ଭୋଇ ଏବଂ ତିନୋଟି ଜିଲ୍ଲାର ସମସ୍ତ ବ୍ଲକ୍ ସଙ୍ଗଠକମାନେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଜଗନ୍ନାଥ ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶଶିକାନ୍ତ ଭୋଇ ତିନିଟି ଜିଲ୍ଲାର ସମସ୍ତ ବିକ୍ରୟ କେନ୍ଦ୍ରରେ କିପରି ଆଧ୍ୟାତ୍ମିକ ଚେତନାରେ ବ୍ୟବସାୟ କରାଯାଇ ପାରିବ ସେଥିପାଇଁ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ। ଏହାପରେ ତିନୋଟି ଜିଲ୍ଲାର କୁସାଗ ଦାୟିତ୍ୱରେ ଥିବା ଅପା ଓ ଭାଇମାନେ ନିଜ ନିଜ ବାଣିଜ୍ୟ କେନ୍ଦ୍ର ଗଠନ ଓ ଆର୍ଥିକ ସମସ୍ୟାର ସମାଧାନ କ୍ଷେତ୍ରରେ ତା'ର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ, କୁସାଗ ରାଜ୍ୟ ଆବାହକ ନୀଳମଣି ପାଣି ରାଜ୍ୟର ସମସ୍ତ ବିକ୍ରୟ କେନ୍ଦ୍ରରେ କିପରି ଆଧ୍ୟାତ୍ମିକ ଜୀବନ ଅତିବାହିତ କରିବା ପାଇଁ ବାଣିଜ୍ୟକୁ ଭଗବାନଙ୍କ ସେବା ଭାବରେ ଗ୍ରହଣ କରି ସାମଗ୍ରୀକ ଯୋଗ କ୍ଷେତ୍ରରେ କିପରି ସହଯୋଗ କରିପାରିବା ପରାମର୍ଶ ଦେଇଥିଲେ, ପ୍ରସାଦ ତ୍ରିପାଠୀ ଅନଲାଇନ୍‌ରେ ମାଧ୍ୟମରେ ସମସ୍ତ ଭାଇ ଭଉଣୀମାନଙ୍କୁ ଉତ୍ସାହିତ କରିବା ସହିତ ବାଣିଜ୍ୟ ଏକ ଶୁଦ୍ଧ , ପବିତ୍ର କାର୍ଯ୍ୟ ଏହାକୁ ମାତୃ ଚେତନାରେ କରି ପାରିଲେ ଆଧ୍ୟାତ୍ମିକ ପ୍ରଗତି ସମ୍ଭବ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ, ଜିଲ୍ଲା ସଙ୍ଗଠକ ଦୟାନିଧି ପାତ୍ର ବାଣିଜ୍ୟ ମାତୃ କାର୍ଯ୍ୟ ପାଇଁ ଏକ ପବିତ୍ର ମାଧ୍ୟମ ଏହାକୁ ଲୋଭ, ଲାଭ ଏବଂ ଅହଂ ନରଖି କରି ପାରିଲେ ବ୍ୟକ୍ତି ଚେତନାର ରୂପାନ୍ତର ହେବା ସହିତ ସମାଜର ସମସ୍ତ ଭାଇ ଭଉଣୀମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ବୀଜ ବପନ ସମ୍ଭବ ହୋଇପାରିବ ଏବଂ ଆଧ୍ୟାତ୍ମିକ ଚେତନାରେ ବାଣିଜ୍ୟ କରିବା ବୋଲି ମତବ୍ୟକ୍ତ କରିଥିଲେ। ସର୍ବ ଶେଷରେ ସମସ୍ତ ଜିଲ୍ଲା ସଙ୍ଗଠକମାନେ ନିଜ ନିଜ ବ୍ଲକର ସାଙ୍ଗଠନିକ ବିବରଣୀ ପ୍ରଦାନ କରିଥିଲେ।... ୩୧.୮.୨୬ରେ ଶାନ୍ତିଆସ୍ଥିତ ସୀତାଂଶୁ ସେନାପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଧୀରେନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟଜୀବନ" ସମ୍ପର୍କରେ ସୁବାସ ଦାସ, ସଞ୍ଜୁକ୍ତା ପ୍ରଧାନ ଓ ସତ୍ୟରଞ୍ଜନ ସେନାପତି ଆଲୋଚନା କରିଥିଲେ।... ଉକ୍ତ ଦିବସରେ

ଶେଖବାଡସ୍ଥିତ ଧୀରେନ୍ଦ୍ର ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନାମଜପ", "ସାଧ୍ୟାୟ" ଓ "ଜନ୍ମଦିନର ତାତ୍ପର୍ଯ୍ୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧.୯.୨୬ରେ ରାଜପୁରସ୍ଥିତ ନିଶିକାନ୍ତ ଗିରିଙ୍କଙ୍କ ବାସଭବନରେ ନୈବେଦ୍ୟ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ "ଶାନ୍ତି- ସମତା" ସମ୍ପର୍କରେ ଆଲୋଚନା କରାଯାଇଥିଲା ପରିଶେଷରେ ନିଶିକାନ୍ତ ଗିରି କୃତଜ୍ଞତା ଜ୍ଞାପନ କରିଥିଲେ।... ୯.୯.୨୬ରେ ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ଅନ୍ତର୍ଗତ କୁଣବଳଦାସ୍ଥିତ ଲକ୍ଷ୍ମୀ ଦଳାଇ ଓ ଉପେନ୍ଦ୍ର ଦଳାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ କାଳୁପଟାଘାଟରୁ ସଞ୍ଜୟ କୁମାର ମହାପାତ୍ର ତଥା ଅନେକ ମାତୃପ୍ରେମୀ ଅପାଭାଇ ଯୋଗଦାନ କରିଥିଲେ।... ୯.୯.୨୬ରେ ଯୁଗବଳଦାସ୍ଥିତ ଉପେନ୍ଦ୍ର ମାଝୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଲକ୍ଷ୍ମଣ ସେନାପତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୟ କୁମାର ମହାପାତ୍ର, ଇନ୍ଦୁଭୂଷଣ ମହାନ୍ତି, ଲକ୍ଷ୍ମୀ ଦଳେଇ, ସତ୍ୟଜିତ ଉପାଧ୍ୟାୟ ଅଂଶଗ୍ରହଣ କରିଥିଲେ।... ୧୪.୯.୨୬ରେ ଶାନ୍ତିଆଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଦିବ୍ୟଯୁଗ ସ୍ଥାପନାରେ ନାରୀ" ପୁସ୍ତକ ପାଠ କରି ଆଲୋଚନା କରାଯାଇଥିଲା।... ୨୦.୯.୨୬ରେ ରାଉଗାଁସ୍ଥିତ ଦିବ୍ୟଜ୍ୟୋତି ଆଶ୍ରମ ପରିସରରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ବିଶେଷ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସାହିତ୍ୟ ଜଗତ ପ୍ରତି ଶ୍ରୀଅରବିନ୍ଦଙ୍କ ଅବଦାନ" ସମ୍ପର୍କରେ ଦିପ୍ତିକାନ୍ତ ଭୋଇ ଓ କରୁଣାକର ବିଶ୍ୱାଳ ଏବଂ "ସାହିତ୍ୟ କ'ଣ ଓ କାହିଁକି ?" ସମ୍ପର୍କରେ ଧୀରେନ୍ଦ୍ର ପ୍ରଧାନ ଏବଂ ଅତସୀ ରାଣୀ ଆଲୋଚନା କରିଥିଲେ।

ଭଦ୍ରକ:- ୨୧.୮.୨୬ରେ ଖପୁରୀଆପଦାସ୍ଥିତ ହୃଷିକେଶ ମିଶ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଭବିଷ୍ୟତର ମାନବ" ପୁସ୍ତକ ପାଠ କରି ଆଲୋଚନା କରାଯାଇଥିଲା।... ୨୮.୮.୨୬ରେ ଖପୁରୀଆପଦାସ୍ଥିତ ଭାଗିରଥୀ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବାଧାବିଘ୍ନ" ସମ୍ପର୍କରେ ସାମୁହିକ ଆଲୋଚନା କରାଯାଇଥିଲା।... ୩୦.୮.୨୬ରେ ଭଣ୍ଡାରୀପୋଖରୀସ୍ଥିତ ଦୀନବନ୍ଧୁ ସାଇଁଙ୍କ ବାସଭବନରେ ଆଞ୍ଚଳିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହୃଷିକେଶ ମିଶ୍ର "କୃତଜ୍ଞତା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାହାସ ବିହାରୀ ଜେନା ଓ ମନୋରଞ୍ଜନ ଜେନା ଅଂଶଗ୍ରହଣ କରିଥିଲେ।... ୩୦.୮.୨୬ରେ ରହଣିଆଠାରେ ନୂତନ ଶ୍ରୀଅରବିନ୍ଦ

ପାଠଚକ୍ର ରାହାସ ବିହାରୀ ଜେନା ଓ ଗଦାଧର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୪.୯.୨୬ରେ ଖପୁରୀଆପଦାସ୍ଥିତ ଜଗନ୍ନାଥ ରଣାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ଓ ଭାରତମାତା" ସମ୍ପର୍କରେ ମନୋରଞ୍ଜନ ଜେନା ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦୀନବନ୍ଧୁ ରାଉତ ଓ ହୃଷିକେଶ ମିଶ୍ର ଅଂଶଗ୍ରହଣ କରିଥିଲେ।... ୧୧.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଦାଳୋଠାରେ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀପକ କୁମାର ଜେନା "ସାଧନା ମାର୍ଗରେ ବାଧାବିଘ୍ନ ଅଗ୍ରଗତିରେ ସାହାଯ୍ୟ କରେ" ସମ୍ପର୍କରେ ଆଲୋଚନା କରିଥିଲେ।

ମୟୂରଭଞ୍ଜ:- ୨୩.୮.୨୬ରେ ବେତେଇସ୍ଥିତ ଅମର ବେହେରା, ପାଇକପଡ଼ାସ୍ଥିତ ବିଶ୍ୱଜିତ ମିଶ୍ର ଓ ସତ୍ୟ ରଞ୍ଜନ ପଲେଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୈଳାଶ ଚନ୍ଦ୍ର ବେହେରା, ପ୍ରମୋଦ କୁମାର ଦାଶ, ନିରଞ୍ଜନ ମହାନ୍ତି ଓ ପ୍ରଫୁଲ୍ଲ ଚନ୍ଦ୍ର ମାହାଳିକ "ଶ୍ରୀଅରବିନ୍ଦ ପାଠଚକ୍ର", "ପୂର୍ଣ୍ଣ ଯୋଗ ଓ ପୂର୍ଣ୍ଣାଙ୍ଗ ଶିକ୍ଷା" ବିଷୟରେ ଆଲୋଚନା କରିଥିଲେ।... ୭.୯.୨୬ରେ ବେଲଡିହାସ୍ଥିତ ଓମ୍ ପ୍ରକାଶ ପୃଷ୍ଟିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ଏଥିରେ ପ୍ରଫୁଲ୍ଲ ଚନ୍ଦ୍ର ମାହାଳିକ, ପ୍ରମୋଦ କୁମାର ଦାଶ ଓ କୈଳାସ ଚନ୍ଦ୍ର ବେହେରା ଅଂଶଗ୍ରହଣ କରିଥିଲେ।... ୧୦.୯.୨୬ରେ ବେତନଟୀସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଜୟଶ୍ରୀ ଉପାଧ୍ୟାୟଙ୍କ ପରିଚାଳନାରେ ବୃକ୍ଷ ରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବେତନଟୀ ରୋଟୀରୀ କ୍ଲବ୍‌ର ସଭାପତି ଶ୍ୟାମାପ୍ରସାଦ ମଡୁଆଳ, ସମ୍ପାଦକ ସଞ୍ଜୟ କୁମାର ଭୂୟାଁ ଓ ଶିକ୍ଷା କେନ୍ଦ୍ରର ସଭାପତି ଗୌତମ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ "ବୃକ୍ଷ ରୋପଣର ଉପକାରିତା ତଥା ପରିବେଶ ସୁରକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ।

କୃପା ମଣ୍ଡଳ

ଅନୁଗୁଳ:- ୧୯.୯.୨୬ରେ ଅମଲାପଡାସ୍ଥିତ ଚିତ୍ତରଞ୍ଜନ ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ପ୍ରଭାତ କୁମାର ନାୟକ "ଦିବ୍ୟ କର୍ମ" ସମ୍ପର୍କରେ ଆଲୋଚନା କରିଥିଲେ।

ଢେଙ୍କାନାଳ:- ୨୨.୮.୨୬ରେ ଲକ୍ଷ୍ମୀଧରପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦିବ୍ୟଶକ୍ତି ଶ୍ରୀଅରବିନ୍ଦ ପାଠଚକ୍ରର ଦଶମ ବାର୍ଷିକୋତ୍ସବରେ ଜୈନେତ୍ରୀ ଦାସ "ଆଦର୍ଶ ଶିଶୁ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଜ୍ଞା ପ୍ରିୟଦର୍ଶିନୀ ନାୟକ, ଜେଲମି ସାହୁ, ସୁମିତ୍ରା ପୃଷ୍ଟି ଓ ଆଦର୍ଶ ରଞ୍ଜନ ଆରୂପ ସହଯୋଗ କରିଥିଲେ।... ୨୩.୮.୨୬ରେ ଅନଳସ୍ଥିତ ଅର୍ଜୁନ

ବେହେରାଙ୍କ ବାସଭବନରେ ଆନନ୍ଦମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ୧୬ତମ ବାର୍ଷିକୋତ୍ସବରେ ଜେନେତ୍ରୀ ଦାସ "ତ୍ରିବିଧ ବ୍ୟକ୍ତିଗତ ପ୍ରଚେଷ୍ଟା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାସନ୍ତୀ ବେହେରା, ମନ୍ଦାକିନୀ ବେହେରା, ସୀମା ମହାନ୍ତ, ସୁକାନ୍ତି ବେହେରା ପ୍ରମୁଖ ସହଯୋଗ କରିଥିଲେ।... ୨୩.୮.୨୬ରେ କଙ୍କଡାହାଡସ୍ଥିତ ପାଣ୍ଡବ ବେହେରାଙ୍କ ବାସଭବନରେ ମାତୃ ଆଶ୍ରିତ ଶ୍ରୀଅରବିନ୍ଦ ପାଠଚକ୍ରରେ ୨୭ତମ ବାର୍ଷିକୋତ୍ସବରେ ନିରଞ୍ଜନ ମହାପାତ୍ର "ଦୈନନ୍ଦିନ ଜୀବନରେ ମାଆ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାବିତ୍ରୀ ବେହେରା, ଜୟନ୍ତୀ ସାହୁ ସହଯୋଗ କରିଥିଲେ।... ୨୩.୮.୨୬ରେ ଗୁଡିଆନାଳୀସ୍ଥିତ ମମତା ବେହେରାଙ୍କ ବାସଭବନରେ ମଧୁମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ୧୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବେଶ ଚନ୍ଦ୍ର ସାହୁ ଓ ସୁଲୋଚନା ସାହୁ "ଦିବ୍ୟଦର୍ଶନ ଓ ବରପ୍ରାପ୍ତି" ଓ "The Secret Knowledge" ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ ପ୍ରଶାନ୍ତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମମତା ପଣ୍ଡା, ବିଷ୍ଣୁଚରଣ ସାଇଁ, ସଞ୍ଜୁକ୍ତା ବେହେରା, ରାନୁ ଭଞ୍ଜ, ମମତା ବେହେରା ଓ ଅଜୟ କୁମାର ବଳ ସହଯୋଗ କରିଥିଲେ।... ୨୪.୮.୨୬ରେ ଭାପୁରସ୍ଥିତ ଚନ୍ଦ୍ରଶେଖର ପଣ୍ଡାଙ୍କ ବାସଭବନରେ ମମତାମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ଷଷ୍ଠତମ ବାର୍ଷିକୋତ୍ସବରେ ସୁଲୋଚନା ସାହୁ "ଦିବ୍ୟକୃପା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମମତା ପଣ୍ଡା, ବିଜୟଲକ୍ଷ୍ମୀ ଶୁକ୍ଲା ଓ ମମତା ବେହେରା ସହଯୋଗ କରିଥିଲେ।... ୨୪.୮.୨୬ରେ ବୋରାପଦାସ୍ଥିତ କଳ୍ପନା ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ରରେ "ପ୍ରପତ୍ତିଙ୍କ ରଚନା ସଂଗ୍ରହ" ପୁସ୍ତକ ପାଠ କରି ଆଲୋଚନା କରାଯାଇଥିଲା।... ୨୪.୮.୨୬ରେ କଙ୍କଡାହାଡସ୍ଥିତ ପବିତ୍ର ବେହେରାଙ୍କ ବାସଭବନରେ ନବଚେତନା ଶ୍ରୀଅରବିନ୍ଦ ପାଠଚକ୍ରର ୧୧ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଭାତି ବେହେରା "ମା' ପୁସ୍ତକର ୩ୟ ଅଧ୍ୟାୟ" ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭାଗବତୀ ବେହେରା, ପବିତ୍ର ବେହେରା ଅଂଶଗ୍ରହଣ କରିଥିଲେ।... ୨୬.୮.୨୬ରେ ଶ୍ରୀଅରବିନ୍ଦ ଭବନ, ରାଜବାଟୀ ଚୌକଠାରେ କରୁଣାମୟୀ ଶ୍ରୀଅରବିନ୍ଦ ପାଠଚକ୍ର ପାର୍ବତୀ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଲୋଚନା ସାହୁ ଓ ନିରଞ୍ଜନ ବେହେରା "ଜୀବନର ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୁକ୍ତା ବେହେରା, ମମତା ବେହେରା, ପ୍ରଣତୀ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।...୨୭.୮.୨୬ରେ ଟାଉନପ୍ଲାନିଂସ୍ଥିତ ପୁଷ୍ପଲତା ସାହୁଙ୍କ ବାସଭବନରେ ଦିବ୍ୟଜ୍ୟୋତି ଶ୍ରୀଅରବିନ୍ଦ ପାଠଚକ୍ରର ଅଷ୍ଟମ ବାର୍ଷିକୋତ୍ସବ ଅନୁଷ୍ଠିତ

ହୋଇଯାଇଛି। ଏଥିରେ "ଦିବ୍ୟଜୀବନ" ସମ୍ପର୍କରେ ବିଷ୍ଣୁଚରଣ ସାଇଁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁଷ୍ପଲତା ସାହୁ, ଦ୍ୟୁମନ ସାହୁ, ମାନିନୀ ବିଶ୍ୱଜିତା ଓ ପ୍ରମୋଦିନୀ ସାହୁ ସହଯୋଗ କରିଥିଲେ।... ୨୭.୮.୨୬ରେ ସିମିଳିପାଟଣାସ୍ଥିତ ଶ୍ରୀପତି ବେହେରାଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ କେନ୍ଦ୍ରୀୟ ପାଠଚକ୍ରର ୧୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର ସମ୍ବନ୍ଧରେ ବାବାଜି ମହାରାଜ" ସମ୍ପର୍କରେ ଧରିତ୍ରୀ ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୀଣାପାଣି ବେହେରା, ସର୍ଣ୍ଣରେଖା ସାହୁ ସହଯୋଗ କରିଥିଲେ।... ୩୦.୮.୨୬ରେ ସମ୍ବଲପୁରସ୍ଥିତ ଅଜୟ କୁମାର ବଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆନନ୍ଦମୟୀ ପାଠଚକ୍ରର ୨୯ତମ ବାର୍ଷିକୋତ୍ସବରେ ସୁଲୋଚନା ସାହୁ ଓ ଡା. ଶାନ୍ତନୁ କୁମାର ମିଶ୍ର "ଧାର୍ମିକ ଜୀବନ ଓ ଆଧ୍ୟାତ୍ମିକ ଜୀବନ" ଓ "ପାରମ୍ପରିକ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ପ୍ରତିମା ସାଇଁ ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶଶୀରେଖା ମହାନ୍ତି, ବିଷ୍ଣୁଚରଣ ସାଇଁ, ସୋନାଲି ନାୟକ, ଶୁଭ୍ରଶିଷ ବିଶ୍ୱାଳ ଓ ରାନୁ ଭଞ୍ଜ ସହଯୋଗ କରିଥିଲେ।... ୩୧.୮.୨୬ରେ ଏନ୍. ଏ. ସି. ମେନ୍ ରୋଡସ୍ଥିତ ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ବାସଭବନରେ ଶ୍ରୀମା ପ୍ରୀତି ଶ୍ରୀଅରବିନ୍ଦ ପାଠଚକ୍ରର ୨୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସମର୍ପଣ" ସମ୍ପର୍କରେ ଦିଲ୍ଲୀପ କୁମାର ମହାନ୍ତି, ନିରୁପମା ସାହୁ, ରତ୍ନପ୍ରଭା ଦାଶ, ରାମଚନ୍ଦ୍ର ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସର୍ଣ୍ଣମୟୀ ପାଣି, ଦିଲ୍ଲୀପ କୁମାର ନନ୍ଦ ଓ ଶକୁନ୍ତଳା ବେହେରା ସହଯୋଗ କରିଥିଲେ।... ୧.୯.୨୬ରେ ଭାଗିରଥୀ ବିହାରସ୍ଥିତ କାମିନୀ ସାହୁଙ୍କ ବାସଭବନରେ ପ୍ରେମ ଅଗ୍ନି ଶ୍ରୀଅରବିନ୍ଦ ପାଠଚକ୍ରର ଦଶମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜୀବନ ରୂହେଁ ପରିବର୍ତ୍ତନ" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସର୍ଣ୍ଣଲତା ଦାଶ, ମମତା ବେହେରା, ସଞ୍ଜୁକ୍ତା ବେହେରା ଓ ପ୍ରଣତୀ ନନ୍ଦ ସହଯୋଗ କରିଥିଲେ।... ୪.୯.୨୬ରେ ସମ୍ବଲପୁରସ୍ଥିତ ଶଶୀରେଖା ମହାନ୍ତିଙ୍କ ବାସଭବନରେ ପ୍ରେମାସ୍ପଦ ଶ୍ରୀଅରବିନ୍ଦ ପାଠଚକ୍ରର ୧୯ତମ ବାର୍ଷିକୋତ୍ସବ ରାଜକିଶୋର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମଣିଷ ପାଖେ ବନ୍ଧା ଅଛି ପ୍ରହେଳିକାର ଗଣ୍ଠି" ସମ୍ପର୍କରେ ସୁଲୋଚନା ସାହୁ ଓ ଭବେଶ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅର୍ଚ୍ଚନା ଭଞ୍ଜ, ପ୍ରଶାନ୍ତି କୁମାର ବେହେରା, ସୁସ୍ମିତା ଶୁଭଶ୍ରୀ ଭଞ୍ଜ, ବିଷ୍ଣୁ ଚରଣ ସାଇଁ, ଶୁଭ୍ରାଂଶୁ ମହାନ୍ତି, ସୁପ୍ରଭାତି ସାହୁ ପ୍ରମୁଖ ସହଯୋଗ କରିଥିଲେ।... ୫.୯.୨୬ରେ ପରଜଙ୍ଗସ୍ଥିତ ବିପିନ ବିହାରୀ ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ସଙ୍ଗତି ପାଠଚକ୍ରର ୧୭ତମ ବାର୍ଷିକୋତ୍ସବରେ ରୀନା ଜେନା "ଆମେ

ସମସ୍ତେ ଏକ ନାଟକରେ ଅଭିନୟ କରୁଛୁ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସସ୍ମିତା ଜେନା ସହଯୋଗ କରିଥିଲେ।... ୫.୯.୨୬ରେ ଗୁଡିଆନାଳୀସ୍ଥିତ ମମତା ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ରର ମାସିକିଆ ପାଠଚକ୍ରରେ "ସବୁ ଦୋଷ ନିଜ ଭିତରେ" ଓ "ଭଲ ହୁଅ, ଭଲ ହେବା ପାଇଁ ଭଲ ହୁଅ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୬.୯.୨୬ରେ ପରଜଙ୍ଗ ବ୍ଲକସ୍ଥିତ ମାଧୁରୀ ମାଝୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ମୀରାନ୍ଦିକା ପାଠଚକ୍ରର ୨୫ତମ ବାର୍ଷିକୋତ୍ସବରେ ବେଣୁଧର ପ୍ରଧାନ "ଭବିଷ୍ୟତର ନୂତନ ଜଗତ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସପ୍ନାରାଣୀ ରାୟ ଓ ମମତା ରାଉତ ସହଯୋଗ କରିଥିଲେ।... ୨.୯.୨୬ରେ ଅନଳ ଗ୍ରାମସ୍ଥିତ ଶଙ୍କର୍ଷଣ ନାୟକଙ୍କ ବାସଭବନରେ ଆନନ୍ଦମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସତ୍‌ସଙ୍ଗ ଜୀବନର ସର୍ବଶ୍ରେଷ୍ଠ ଉପାୟ" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୀମା ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ ଓ ସେବତୀ ନାୟକ ସହଯୋଗ କରିଥିଲେ।... ୬.୯.୨୬ରେ ହିନ୍ଦୋଳ ରୋଡସ୍ଥିତ ସବିତା ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର ପାଠଚକ୍ରର ୨୯ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅଜ୍ଞାନତା" ସମ୍ପର୍କରେ ବାସୁଦେବ ମାଟି ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୁମୁଦିନୀ ସାହୁ ଓ ପ୍ରମୋଦିନୀ ସାହୁ ସହଯୋଗ କରିଥିଲେ।... ୯.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଘୁଇଁପୁରଠାରେ ଓଡପଡା ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଚେତନାର ରୂପାନ୍ତର" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶାନ୍ତିଲତା ସାହୁ, ମଧୁସ୍ମିତା ବେହେରା, ମାଳତୀ ସେନାପତି ପ୍ରମୁଖ ସହଯୋଗ କରିଥିଲେ।... ୧୧.୯.୨୬ରେ ଟାଉନ ପ୍ଲାନିଂସ୍ଥିତ ପ୍ରତିମା ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ରର ମାସିକିଆ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ - ୧ମ ଖଣ୍ଡ" ପୁସ୍ତକ ପାଠ କରି ଆଲୋଚନା କରାଯାଇଥିଲା।... ୧୩.୯.୨୬ରେ ମାତୃପଲ୍ଲୀ, ମେଦିନୀପାଳଠାରେ ଶ୍ରୀଅରବିନ୍ଦ ପାଠଚକ୍ର ମାତୃପଲ୍ଲୀ ଟ୍ରଷ୍ଟର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜଡ଼ ଜଗତରେ ଅଭିବ୍ୟକ୍ତି ଅପେକ୍ଷାରେ ନୂତନ ପୃଥିବୀ" ସମ୍ପର୍କରେ ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୁକ୍ତା ବେହେରା, ପ୍ରଣତୀ ନନ୍ଦ, ଜସ୍ମିନ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ।... ୧୫.୯.୨୬ରେ ସିମିଳିଆସ୍ଥିତ ପ୍ରଶାନ୍ତି ସାହୁଙ୍କ ବାସଭବନରେ ଦିବ୍ୟ ସଙ୍ଗତି ଶ୍ରୀଅରବିନ୍ଦ ପାଠଚକ୍ରର ମାସିକିଆ ପାଠଚକ୍ରରେ

"ମା'" ପୁସ୍ତକ ପାଠକରି ସୁଲୋଚନା ସାହୁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୧୫.୯.୨୬ରେ ସଂସାଇଲୋସ୍ଥିତ ବିଦ୍ୟାଧର ସାହୁଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅତିମାନସ ଆଲୋକରେ ଶ୍ରୀମାଶ୍ରୀଅରବିନ୍ଦ" ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ ଏବଂ ନିରଞ୍ଜନ ମହାପାତ୍ର ଉପସଂହାର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଞ୍ଜୁକ୍ତା ବେହେରା, ରେଣୁବାଳା ସାହୁ, କ୍ଷଣପ୍ରଭା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।... ୧୩.୯.୨୬ରେ କୃପାମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ବାଇଧର ଦାସଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବର୍ତ୍ତମାନ ପରିସ୍ଥିତିରେ ଆମର କର୍ତ୍ତବ୍ୟ" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରିୟଦର୍ଶନୀ ନାୟକ, ସୁପ୍ରିୟା ପ୍ରିୟଦର୍ଶନୀ, ଶ୍ରୀୟା ଝମୁଣ୍ଡା ଓ ରୀନା ଟୁଡୁ ସହଯୋଗ କରିଥିଲେ।... ୧୯.୯.୨୬ରେ କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ବାଉଁଶପାଳ ପଞ୍ଚାୟତସ୍ଥିତ ସୁପ୍ରଭା ଆଏଚ୍‌ଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଗୃହରେ ଶ୍ରୀଅରବିନ୍ଦଙ୍କ ସାଧନା" ସମ୍ପର୍କରେ ଅଜୟ କୁମାର ପଲେଇ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ସାହୁ, କଳ୍ପନା ତ୍ରିପାଠୀ, ରତ୍ନପ୍ରଭା ଦାଶ ଓ ରେଣୁବାଳା ସାହୁ ସହଯୋଗ କରିଥିଲେ।... ୧୯.୯.୨୬ରେ ଶିବୁକାପଶିସ୍ଥିତ କାଦମ୍ବିନୀ ନାୟକଙ୍କ ବାସଭବନରେ ଦିବ୍ୟଜ୍ୟୋତି ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବର୍ତ୍ତମାନ ପରିସ୍ଥିତିରେ ମା' ଓ ଶ୍ରୀଅରବିନ୍ଦ" ସମ୍ପର୍କରେ ଅଜୟ କୁମାର ପଲେଇ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଳ୍ପନା ତ୍ରିପାଠୀ, ରାମଚନ୍ଦ୍ର ସାହୁ, ରଶ୍ମିବାଳା ସାହୁ, ରତ୍ନପ୍ରଭା ଦାଶ ପ୍ରମୁଖ ସହଯୋଗ କରିଥିଲେ।... ୨୦.୯.୨୬ରେ କାମାକ୍ଷାନଗର ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀର ସପ୍ତମ ବାର୍ଷିକୋତ୍ସବ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କାମାକ୍ଷନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ "ଆଉ କେହି ନୁହେଁ-କେବଳ ମା" ସମ୍ପର୍କରେ ସୁଲୋଚନା ସାହୁ, "ଦିବ୍ୟକୃପା ଓ ଆମର ଗ୍ରହଣଶୀଳତା" ସମ୍ପର୍କରେ ଅଜୟ କୁମାର ପଲେଇ ଆଲୋଚନା କରିଥିଲେ ଏବଂ ନିରଞ୍ଜନ ମହାପାତ୍ର ଉପସଂହାର କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଦିଲ୍ଲୀପ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଳ୍ପନା ତ୍ରିପାଠୀ, ରାମଚନ୍ଦ୍ର ସାହୁ, ନିରୁପମା ସାହୁ, ରଶ୍ମିବାଳା ସାହୁ, ଶ୍ରେୟା ବର୍ମା ଓ ରତ୍ନପ୍ରଭା ଦାଶ ସହଯୋଗ କରିଥିଲେ।

ସତ୍ୟ ମଣ୍ଡଳ

କଟକ:- ୨୦.୮.୨୬ରେ କଳପଡାସ୍ଥିତ ଶ୍ରୀଅରବିନ୍ଦ ଯୋଗ ମନ୍ଦିରଠାରେ ଜ୍ୟୋତ୍ସାରାଣୀ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ

କାଳନ୍ଦୀଚରଣ ସେନାପତି "ପ୍ରେମ ଓ ମୃତ୍ୟୁ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୧.୮.୨୬ରେ ଦଧିବାମନପୁରସ୍ଥିତ ବେଦଶ୍ରୀ ଭବନଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିନର ତାତ୍ପର୍ଯ୍ୟ" ସମ୍ପର୍କରେ ସଞ୍ଜୟ କୁମାର ମହାପାତ୍ର ଆଲୋଚନା କରିଥିଲେ।... ୨୨.୮.୨୬ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ ସାଧନା ପୀଠଠାରେ ଜ୍ୟୋସ୍ନାରାଣୀ ଦାଶଙ୍କ ପରିଚ୍ଛଳନାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସଞ୍ଜୟ କୁମାର ମହାପାତ୍ର "ମାନସ ମନ୍ଥନ ଓ ଶିକ୍ଷା" ଓ ବିକାଶ ରଞ୍ଜନ ପରିଡା "ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଏକ କବିତା" ଆଲୋଚନା କରିଥିଲେ।... ୨୩.୮.୨୬ରେ ବେଣ୍ଟକାରସ୍ଥିତ ମାତୃ ସାଧନାପୀଠଠାରେ ନିକୁଞ୍ଜ ବିହାରୀ ମହାନ୍ତିଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୟ କୁମାର ମହାପାତ୍ର "ଦୈନନ୍ଦିନ ଜୀବନରେ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଧର୍ମାନନ୍ଦ ପାଣ୍ଡେ ଓ ନୟନ କିଶୋର ମହାନ୍ତି ସହଯୋଗ କରିଥିଲେ।... ୨୪.୮.୨୬ରେ ବ୍ରହ୍ମପୁରସ୍ଥିତ ନକୁଳ ଚନ୍ଦ୍ର ବେହେରା ଓ ଦୀପ୍ତି ବେହେରାଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୟ କୁମାର ମହାପାତ୍ର "ଜୀବନ ଓ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୫.୮.୨୬ରେ ଦଧିବାମନପୁରସ୍ଥିତ ବେଦଶ୍ରୀ ଭବନଠାରେ ଲୀଳାବତୀ ମହାପାତ୍ରଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜ୍ୟୋସ୍ନାରାଣୀ ଦାଶଙ୍କ ପରିଚ୍ଛଳନାରେ ସଞ୍ଜୟ କୁମାର ମାହାପାତ୍ର "ଜୀବନ ବଞ୍ଚିବାର କଳା" ସମ୍ପର୍କରେ ଆଲୋଚନା କରିଥିଲେ।... ୨୫.୮.୨୬ରେ ବହଳପଡାସ୍ଥିତ ଅଭୟ କୁମାର ଦଳାଇଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଶଙ୍କର୍ଷଣ ସେନାପତି ଓ କାଳନ୍ଦୀଚରଣ ସେନାପତି "ଆନ୍ତରିକତା ହିଁ ଆମର ରକ୍ଷା କବଚ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୬.୮.୨୬ରେ ବହଳପଡାସ୍ଥିତ ରବୀନ୍ଦ୍ର ନାଥ ଦଳାଇଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୟ କୁମାର ମହାପାତ୍ର ଓ ବିକାଶ ରଞ୍ଜନ ପରିଡା "ସାଧନାର ସୂତ୍ର" ଓ "ସମର୍ପଣ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୭.୮.୨୬ରେ ବହଳପଡାସ୍ଥିତ ବିଶ୍ୱନାଥ ସାହୁଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୟ କୁମାର ମହାପାତ୍ର "ଆମର ସଙ୍କଳ୍ପ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୮.୮.୨୬ରେ ବହଳପଡାସ୍ଥିତ ଅନୀତା ସେନାପତିଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୟ କୁମାର ମହାପାତ୍ର "ଜୀବନ ବଞ୍ଚିବାର ସୁବର୍ଣ୍ଣ ନିୟମ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୯.୮.୨୬ରେ

ବନ୍ଥୁଣିଆସ୍ଥିତ ନବ କିଶୋର ଦାଶ ଓ ଅଶୋକ କୁମାର ଦାଶଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଞ୍ଜୟ କୁମାର ମହାପାତ୍ର ଓ ବିକାଶ ରଞ୍ଜନ ପରିଡା "ସାଧନାର ଧାର" ଓ ଶ୍ରୀଅରବିନ୍ଦଙ୍କ କବିତା "ଜୀବନ" ସମ୍ପର୍କରେ ଆଲୋଚନା କରିଥିଲେ ।... ୩୦.୮.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅଡଶପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର ଓ ଆଲୋକ ସେନା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଶରତ ଚନ୍ଦ୍ର ମିଶ୍ର, ନିଶୀଥ କୁମାର ନାୟକ, ମନୋରମା ନାୟକ ଓ ପଦ୍ମଲୋଚନ ପୋଥାଳ ପରିଚ୍ଛଳନା କରିଥିଲେ ।... ବହଳପଡାସ୍ଥିତ ଦେବେନ୍ଦ୍ର ନାଥ ସେନାପତିଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସଞ୍ଜୟ କୁମାର ମହାପାତ୍ର "ଦୈନନ୍ଦିନ ଜୀବନରେ ସାଧନା" ସମ୍ପର୍କରେ ଆଲୋଚନା କରିଥିଲେ ।... ୩୦.୮.୨୬ରେ ରାମପୁରସ୍ଥିତ ରବୀନ୍ଦ୍ର ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅଶୋକ କୁମାର ମହାନ୍ତିଙ୍କ ପରିଚ୍ଛଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ବିରୋଧି ଶକ୍ତିଙ୍କ ଉପରେ କିପରି ବିଜୟ ହାସଲ କରିବା ?" ସମ୍ପର୍କରେ ପ୍ରକାଶ କୁମାର ବେହେରା, ବଂଶୀଧର ରାଉତ, ଶତ୍ରୁଘ୍ନ ପ୍ରଧାନ ଆଲୋଚନା କରିଥିଲେ ।... ୩୦.୮.୨୬ରେ ବହଳପଡାସ୍ଥିତ ଧୀରେନ୍ଦ୍ର ବେହେରାଙ୍କ ଆବାହନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସଞ୍ଜୟ କୁମାର ମହାପାତ୍ର "ଆଧ୍ୟାତ୍ମିକ ପରମ୍ପରା" ସମ୍ପର୍କରେ ଆଲୋଚନା କରିଥିଲେ ।... ୩୦.୮.୨୬ରେ ବେଣ୍ଟକାରସ୍ଥିତ ବିକ୍ରମ କେଶରୀ ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୩୧.୮.୨୬ରେ ବହଳପଡାସ୍ଥିତ ଫକୀର ଚରଣ ଜେନାଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ସଞ୍ଜୟ କୁମାର ମହାପାତ୍ର ଓ କାଳନ୍ଦୀଚରଣ ସେନାପତି "ଶ୍ରୀଅରବିନ୍ଦଙ୍କ ଯୋଗର ବିଶେଷତ୍ୱ" ଓ "ଚେତନାର ରୂପାନ୍ତରରେ ହିଁ ଦୁଃଖ ଯନ୍ତ୍ରଣାର ନିବୃତ୍ତି" ସମ୍ପର୍କରେ ଆଲୋଚନା କରିଥିଲେ ।... ୫.୯.୨୬ରେ ବହଳପଡାଠାରେ ବିଜୟ କୁମାର ଦଳାଇ ଓ ଅଜୟ କୁମାର ଦଳାଇଙ୍କ ଆୟୋଜନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀକୃଷ୍ଣଙ୍କ ଆନନ୍ଦମୟ ଚେତନାର ଅବତରଣ" ସମ୍ପର୍କରେ ସଞ୍ଜୟ କୁମାର ମହାପାତ୍ର ଆଲୋଚନା କରିଥିଲେ ।... ୬.୯.୨୬ରେ ସି.ଡି.ଏ. - ବିଡାନାସୀସ୍ଥିତ ଜେ.ବି.ଏସ୍ ଗାର୍ଡେନଠାରେ ପଶ୍ଚିମାଞ୍ଚଳ କଟକର ଦଶମ ବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଅତି ଶୀଘ୍ର ଜାତ ସତ୍ୟ ଅପରିଣତ ଧରାକୁ କରିପାରେ ଧ୍ୱସ୍ତ" ସମ୍ପର୍କରେ ଡ. ବିରଞ୍ଚି ନାରାୟଣ ମହାପାତ୍ର ଓ ସମରେନ୍ଦ୍ର ରାଉତ ଆଲୋଚନା କରିଥିଲେ । ପରିଶେଷରେ ସୁବାସ ଚନ୍ଦ୍ର

ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।... ୬.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନରସିଂହପୁରଠାରେ ଶ୍ରୀଅରବିନ୍ଦ କଳା ପରିଷଦ ଓ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସମର୍ପଣ" ସମ୍ପର୍କରେ କାଳନ୍ଦୀଚରଣ ସେନାପତି ଆଲୋଚନା କରିଥିଲେ ଏବଂ ଶରତ ଚନ୍ଦ୍ର ମିଶ୍ର ଉପସଂହାର କରିଥିଲେ। ଏହି କାର୍ଯ୍ୟକ୍ରମରେ "ସମର୍ପଣ" ଆଧାରରେ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ସ୍ୱରଚିତ କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟୁତ ପ୍ରଭା ଶତପଥି ଓ ଜ୍ୟୋସ୍ନାରାଣୀ ଦାଶ ଅଂଶଗ୍ରହଣ କରିଥିଲେ।... ୧୪.୯.୨୬ରେ ବେଣ୍ଟକାରସ୍ଥିତ ସର୍ଣ୍ଣଶିଖା ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟୁତପ୍ରଭା ଶତପଥୀ ସ୍ୱାଗତ ଭାଷଣ, ନାରାୟଣ ଚନ୍ଦ୍ର ଶତପଥି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଞ୍ଜୟ କୁମାର ମହାପାତ୍ର, ଶଙ୍କର୍ଷଣ ସେନାପତି ଓ କାଳନ୍ଦୀ ଚରଣ ସେନାପତି "ଜୀବନ ବଞ୍ଚିବାର କଳା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୭.୯.୨୬ରେ ଯୋବ୍ରା ନୂଆସାହିସ୍ଥିତ ଶାଶ୍ୱତ ମଙ୍ଗରାଜଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୮.୯.୨୬ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଜ୍ୟୋସ୍ନାରାଣୀ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିକାଶ ରଞ୍ଜନ ପରିଡା "ସଙ୍ଗତି" ସମ୍ପର୍କରେ ଆଲୋଚନା କରିଥିଲେ।... ୨୦.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଦୋରଡ, ଆଠଗଡଠାରେ ଦଶକର୍ମଧାରାର ବାର୍ଷିକ ସମାବେଶ ଶରତ ଚନ୍ଦ୍ର ମିଶ୍ର, ମାୟାଧର ସାହୁ ଓ ମନୋରମା ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ତରଞ୍ଜନ ବଡଜେନା ସ୍ୱାଗତ ଭାଷଣ, ନିଶିଥ ରଞ୍ଜନ ରାଉତ "ବିଜ୍ଞାନ ମେଳା", ସୌମ୍ୟରଞ୍ଜନ ଦାଶ "ପ୍ରାଚୀନ ଭାରତୀୟ ସ୍ଥାପତ୍ୟ", ଦେବେନ୍ଦ୍ର ବିଶ୍ୱାଳ "ଚେତନା ମାଧ୍ୟମରେ କୃଷି",ଆଦିତ୍ୟ ଆଚାର୍ଯ୍ୟ "ଜୈବିକ କୃଷି ଓ ଛାତ ଉପରେ ଘୃଷ", ଅଧୀର କୁମାର ସାହୁ "ଔଷଧୀୟ ବୃକ୍ଷ ଓ ତା'ର ବ୍ୟବହାର" ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ସମରେନ୍ଦ୍ର ରାଉତ ଉପସଂହାର କରିଥିଲେ ଏବଂ ମମତା ଅପା କୃତଜ୍ଞତା ଜ୍ଞାପନ କରିଥିଲେ।

କେନ୍ଦ୍ରାପଡା:- ... ୨୪.୮.୨୬ରେ ଶ୍ରୀମୀରା ଆଶ୍ରମ, କେନ୍ଦ୍ରାପଡାଠାରେ ଗୋଲେଖ ବିହାରୀ ପରିଡାଙ୍କ କୃପାମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ୧୮ତମ ବାର୍ଷିକ ଉତ୍ସବ ଅଶୋକ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମୁଁ ସର୍ବଦା ତୁମ ସହିତ ରହିଛି" ପ୍ରସଙ୍ଗରେ ନୟନା ବେହେରା, ପ୍ରମୋଦ କୁମାର ମିଶ୍ର ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ।... ୨୭.୮.୨୬ରେ ଜଜାଙ୍ଗସ୍ଥିତ ରୁକ୍ମଣୀ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର କୃଷ୍ଣପ୍ରିୟା ସାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟନା ବେହେରା

ଅଂଶଗ୍ରହଣ କରିଥିଲେ। ଉକ୍ତ ଦିବସରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ଗ୍ରାମସ୍ଥିତ ପ୍ରତିମା ସେନାପତିଙ୍କ ବାସଭବନରେ ଅରୋମୀରା ପାଠଚକ୍ରର ଚତୁର୍ଥ ବାର୍ଷିକ ଉତ୍ସବ ଭାନୁମତି ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦୈନନ୍ଦିନ ଜୀବନରେ କିପରି ଖୁସିରେ ରହିପାରିବା" ପ୍ରସଙ୍ଗରେ ଜନ୍ମେଜୟ ପ୍ରଧାନ ଓ ନରୋତ୍ତମ ନାୟକ ଆଲୋଚନା କରିଥିଲେ।... ୨୮.୮.୨୬ରେ ଜଜାଙ୍ଗ ଗ୍ରାମସ୍ଥିତ ପ୍ରଫୁଲ୍ଲ କୁମାର ବେହେରାଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର କୃଷ୍ଣପ୍ରିୟା ସାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ଡେରାବିଶ ବ୍ଲକ ଅନ୍ତର୍ଗତ ମଧୁସୂଦନପୁରସ୍ଥିତ ଦୀପ୍ତିଲତା ସାହୁଙ୍କ ବାସଭବନରେ ଆନନ୍ଦମୟୀ ପାଠଚକ୍ରର ୨୯ତମ ବାର୍ଷିକ ଉତ୍ସବ କ୍ଷିରୋଦ ଚନ୍ଦ୍ର ବିହାରୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାନବରୁ ଦିବ୍ୟ ମାନବ" ପ୍ରସଙ୍ଗରେ ଉର୍ମିଳା ରାଉତ ଓ "ମୃତ୍ୟୁରୁ ଅମରତ୍ୱ" ପ୍ରସଙ୍ଗରେ କୀର୍ତ୍ତନ ବିହାରୀ ବ୍ରହ୍ମ ଆଲୋଚନା କରିଥିଲେ।... ୨୯.୮.୨୬ରେ ବାରୋସ୍ଥିତ ମନୋରମା ସ୍କୁଲରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୩୦.୮.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଇନ୍ଦୁପୁରଠାରେ କେନ୍ଦ୍ରାପଡା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୭ତମ ବାର୍ଷିକ ଉତ୍ସବ ଦେବବ୍ରତ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟନା ବେହେରା, ଅଞ୍ଜନା ପ୍ରଧାନ, ଉର୍ମିଳା ରାଉତ ଓ ମଳୟ କୁମାର ଜେନା ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ ତୃତୀୟ ଖଣ୍ଡରୁ ଆଲୋଚନା କରିଥିଲେ।... ୪.୯.୨୬ରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର, ଜଜାଙ୍ଗଠାରେ ସେପ୍ଟେମ୍ବର ମାସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।... କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜଜାଙ୍ଗସ୍ଥିତ ଆଦିକନ୍ଦ ସାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକ ଉତ୍ସବ ଖଗେଶ୍ୱର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀକୃଷ୍ଣ ଓ ଶ୍ରୀଅରବିନ୍ଦ" ପ୍ରସଙ୍ଗରେ ନୟନା ବେହେରା ଓ କୃଷ୍ଣପ୍ରିୟା ସାଇଁ ଆଲୋଚନା କରିଥିଲେ।... ୫.୯.୨୬ରେ ବଡ଼ମଙ୍ଗଳା ଅନ୍ତର୍ଗତ ଚିନ୍ନାଞ୍ଜଳି କରଙ୍କ ବାସଭବନରେ ଦିବ୍ୟଜନନୀ ପାଠଚକ୍ରର ୧୪ତମ ବାର୍ଷିକ ଉତ୍ସବ ଖଗେଶ୍ୱର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମା' ଆମର ପ୍ରକୃତ ବନ୍ଧୁ" ପ୍ରସଙ୍ଗରେ ସନ୍ତୋଷ କୁମାର ନାୟକ, ନୟନା ବେହେରା ଓ ଅଞ୍ଜନା ପ୍ରଧାନ ଆଲୋଚନା କରିଥିଲେ।... ୬.୯.୨୬ରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧାସ୍ଥିତ ବିମଳା ରାଉତଙ୍କ ବାସଭବନରେ ନୂତନ ସତ୍ୟଜ୍ୟୋତି ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... କେନ୍ଦ୍ରାପଡା, ମୀରପାଟଣାସ୍ଥିତ ଜୟନ୍ତୀ ପାଣିଙ୍କ ବାସଭବନରେ ସ୍ୱର୍ଗତଃ କୁଞ୍ଜ ବିହାରୀ ପୃଷ୍ଟିଙ୍କ ଏକାଦଶାହ ଅବସରରେ ଶ୍ରୀଅରବିନ୍ଦ ପାଠଚକ୍ର ନୟନା ବେହେରାଙ୍କ

ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମୃତ୍ୟୁର ରହସ୍ୟ" ପ୍ରସଙ୍ଗରେ ଉର୍ମିଳା ରାଉତ ଆଲୋଚନା କରିଥିଲେ।... ଏବଂ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନୀଳିକଣାସ୍ଥିତ ନାରାୟଣ ମୁଦୁଲିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୭ତମ ବାର୍ଷିକ ଉତ୍ସବ ବିଧାନ ଚନ୍ଦ୍ର ସାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସର୍ବୋତ୍ତମ ଆବିଷ୍କାର" ପ୍ରସଙ୍ଗରେ ଡ଼ଃ ଶାନ୍ତନୁ କୁମାର ମିଶ୍ର ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ।... ଗରଦପୁର ବ୍ଲକର ପଞ୍ଚାୟତ କର୍ମୀମାନଙ୍କୁ ନେଇ ଏକ ବୈଠକ ଶ୍ରୀ ଜଗନ୍ନାଥ ମନ୍ଦିର ମହାଳଠାରେ ଅନୁଷ୍ଠିତ ହୋଇଯାଇଛି।... ୯.୯.୨୬ରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଜାଙ୍ଗସ୍ଥିତ ଅଲେଖ ବେହେରାଙ୍କ ବାସଭବନରେ ସର୍ଗତଃ ମାନିନୀ ବେହେରାଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର କୃଷ୍ଣପ୍ରିୟା ସାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦେବ ମୁହୂର୍ତ୍ତ" ଏବଂ "ଶ୍ରୀଅରବିନ୍ଦ ପାଠଚକ୍ର କାହିଁକି କରିବା" ପ୍ରସଙ୍ଗରେ ପ୍ରମୋଦ କୁମାର ମିଶ୍ର ଆଲୋଚନା କରିଥିଲେ।... ୧୦.୯.୨୬ରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଜାଙ୍ଗଠାରେ ଶ୍ରୀଅରବିନ୍ଦ ପାଠଚକ୍ର କୃଷ୍ଣପ୍ରିୟା ସାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦେବ ମୁହୂର୍ତ୍ତ" ପ୍ରସଙ୍ଗରେ ସନ୍ତୋଷ କୁମାର ନାୟକ ଆଲୋଚନା କରିଥିଲେ।... ୧୧.୯.୨୬ରେ ଶ୍ରୀମୀରା ଆଶ୍ରମ କେନ୍ଦ୍ରାପଡାଠାରେ ସତ୍ୟପ୍ରିୟ ମହାନ୍ତିଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ୧୭ତମ ବାର୍ଷିକ ଉତ୍ସବ ସନ୍ତୋଷ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପାଠଚକ୍ର କଣ ଓ କାହିଁକି" ପ୍ରସଙ୍ଗରେ ଡ଼ଃ ଭଗବତୀ ପ୍ରସାଦ ଦାସ, "ଶ୍ରୀମା'ଙ୍କ ପ୍ରତୀକର ଅର୍ଥ" ପ୍ରସଙ୍ଗରେ ଉର୍ମିଳା ରାଉତ ଓ ପ୍ରମୋଦ କୁମାର ମିଶ୍ର ଆଲୋଚନା କରିଥିଲେ।... ୧୫.୯.୨୬ରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନରସିଂହପୁରସ୍ଥିତ ପ୍ରଭାତୀ ବିଶ୍ୱାଳଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ମିନତୀ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜୀବନର ଲକ୍ଷ୍ୟ" ପ୍ରସଙ୍ଗରେ ନୟନା ବେହେରା ଓ ଅଞ୍ଜନା ପ୍ରଧାନ ଆଲୋଚନା କରିଥିଲେ।... ୧୬.୯.୨୬ରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗ ପୀଠ, ଖୁରୁଷିଆଠାରେ ନରୋତ୍ତମ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସ" ପ୍ରସଙ୍ଗରେ ଅଶୋକ କୁମାର ରାଉତ, ସୁବାସ ଚନ୍ଦ୍ର କର, ଅଞ୍ଜନା ପ୍ରଧାନ ଆଲୋଚନା କରିଥିଲେ।... ୧୭.୯.୨୬ରେ ମାର୍ଶାଘାଇସ୍ଥିତ ସୁଭଦ୍ରା ରାଉତଙ୍କ ବାସଭବନରେ ମାହେଶ୍ୱରୀ ପାଠଚକ୍ରର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମା'ଙ୍କ କୃପା" ପ୍ରସଙ୍ଗରେ ବିଧାନ ଚନ୍ଦ୍ର ସାଇଁ ଓ ସୁଶାନ୍ତ ରାଉତ ଆଲୋଚନା କରିଥିଲେ।...

୧୯.୯.୨୬ରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମୁଣ୍ଡାଳଠାରେ ଜିଲ୍ଲାସ୍ତରୀୟ ଲିଗାଲ୍ ୟୁନିଟର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡ଼ଃ ଚିରଞ୍ଜିବି ପଣ୍ଡା, ଡ଼ଃ ଭଗବତୀ ପ୍ରସାଦ ଦାସ "ଶିଶୁ ଅଧିକାର" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୨୦.୯.୨୬ରେ ଆଳି ବ୍ଲକ ଅନ୍ତର୍ଗତ ଅଳିହାସ୍ଥିତ ବର୍ଷାରାଣୀ ଦାସଙ୍କ ବାସଭବନରେ ନୂତନ ଆଦ୍ୟାଶକ୍ତି ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ପ୍ରସଙ୍ଗରେ ଶୁଭଲକ୍ଷ୍ମୀ ପରିଡା ଆଲୋଚନା କରିଥିଲେ ।

କେନ୍ଦୁଝରଃ- ୩୧.୮.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କଇନିପୁରାଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବୃନ୍ଦାବନ ବାଇ, ଗୀତାଞ୍ଜଳି ସାହୁ ଓ ଗୁନଚରଣ ସାହୁ "ଜନ୍ମମୃତ୍ୟୁର ରହସ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।... ୩.୯.୨୬ରେ ଲକ୍ଷ୍ମୀପରସ୍ଥିତ ସର୍ଗତଃ କାମିନୀ ଅପାଙ୍କର ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୬.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଅଧ୍ୟକ୍ଷ ଓ ସମ୍ପାଦକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ଣ୍ଣଚନ୍ଦ୍ର ମହନ୍ତ "ନୂତନ ଶିକ୍ଷା ନୀତି ଓ ତା'ର ପ୍ରୟୋଗ" ଉପରେ ଆଲୋକପାତ କରିଥିଲେ । ... ୮.୯.୨୬ରେ କଇନିପୁରାସ୍ଥିତ ପ୍ରହ୍ଲାଦ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଗୁନଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୀତାଞ୍ଜଳି ସାହୁ "ଆମେ କିପରି ମା'ଙ୍କର ନିକଟବର୍ତ୍ତୀ ହୋଇପାରିବା" ଓ ବୃନ୍ଦାବନ ବାଇ "ବିବର୍ତ୍ତନ ଓ ନିବର୍ତ୍ତନ" ସମ୍ପର୍କରେ ଆଲୋଚନା କରିଥିଲେ ।

ଜଗତସିଂହପୁରଃ- ୫.୯.୨୬ରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗରୁଆଳ ଗ୍ରାମର ସଂଯୁକ୍ତା ଦେଇଙ୍କର ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜୟା ରାଉତରାୟ "ମନ୍ଦ ଗତିବୃତ୍ତିଗୁଡିକୁ ସମର୍ପଣ କର" ବିଷୟରେ ଆଲୋଚନା କରିଥିଲେ ।... ୧୫.୯.୨୬ରେ ବରାଗୋଳା ଗ୍ରାମର ଅରବିନ୍ଦ ନାଏକଙ୍କର ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜୟା ରାଉତରାୟ ଏବଂ ବିନୋଦିନୀ ସ୍ୱାଇଁ ଯଥାକ୍ରମେ "ହୃଦୟରେ ଏକାଗ୍ର ହୁଅ" ଓ ଆଦର୍ଶ ଶିଶୁ ପୁସ୍ତକରୁ "ହେବ ଥଣ୍ଡା ମିଜାଜର" ବିଷୟରେ ଆଲୋଚନା କରିଥିଲେ ।... ୨୬.୯.୨୬ରେ ଶ୍ରୀଅରବିନ୍ଦ ପାଠଚକ୍ର ଟ୍ରଷ୍ଟ, ପୁନଙ୍ଗଠାରେ ପୂଜ୍ୟ ମାମୁଁ ଗଦାଧର ମିଶ୍ରଙ୍କ ୮୩ତମ ଜନ୍ମଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।

ସମର୍ପଣ ମଣ୍ଡଳ

ମାଲକାନଗିରିଃ- ସେପ୍ଟେମ୍ବର ୧୦ ଓ ୧୧ ତାରିଖରେ ଘଡ଼େଇ କଲେଜ, ସରସ୍ୱତୀ

ଶିଶୁ ମନ୍ଦିର ଓ ବିଚିତ୍ରାନନ୍ଦ ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଭାତ ନାୟକ ଅଂଶଗ୍ରହଣ କରିଥିଲେ। ଏତଦ୍ ବ୍ୟତୀତ ସେପ୍ଟେମ୍ବର ୭, ୮ ଓ ୯ ତାରିଖରେ ବାଲିମେଳା, ଗୁପ୍ତା ମହାବିଦ୍ୟାଳୟଠାରେ ଶ୍ରୀଅରବିନ୍ଦ ପାଠଚକ୍ରମାନ ଅନୁଷ୍ଠିତ ହୋଇଯାଇଛି।

ସମତା ମଣ୍ଡଳ

ଝାରସୁଗୁଡା:- ସେପ୍ଟେମ୍ବର ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃକ୍ଷେତ୍ର, କତରବଗାଠାରେ ସମତା ମଣ୍ଡଳ ଶ୍ରୀଅରବିନ୍ଦ ଆଲୋକ ସେନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ" ସମ୍ପର୍କରେ ପ୍ରଶାନ୍ତ କୁମାର ପାଳ, ସୁରେନ୍ଦ୍ର ବେହେରା ଆଲୋଚନା କରିଥିଲେ। ଏହି ତିନିଦିନ ଶିବିରରେ "ଜୀବନର ଲକ୍ଷ୍ୟ", "ଛାତ୍ରମାନଙ୍କ ପ୍ରତି", "ଦେବ ମୁହୂର୍ତ୍ତ", "ଶ୍ରୀଅରବିନ୍ଦଙ୍କ ପାଞ୍ଚଟି ସପ୍ନ ଓ ତିନୋଟି ପାଗଳାମି" ବିଷୟଗୁଡିକ ବିଷୟରେ ଦଳଗତ ଆଲୋଚନା କରାଯାଇଥିଲା।

ସୁନ୍ଦରଗଡ:- ୨୩.୮.୨୬ରେ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର, ଦିଆମୁଣ୍ଡାଠାରେ ଜିଲ୍ଲାସ୍ତରୀୟ ଲିଗାଲ୍ ୟୁନିଟ୍, ଏଗ୍ରିକଲ୍‌ଚର୍ ଓ କୁସାଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।... ୨୧.୮.୨୬ ଆଉଁଲବାହାଲଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରର ୧୧ତମ ବାର୍ଷିକୋତ୍ସବରେ "କିଏ ଏଇ ମା" ସମ୍ପର୍କରେ ସୁଦାମ ଚରଣ ପଟେଲ ଆଲୋଚନା କରିଥିଲେ।... ୨୨.୮.୨୬ରେ ବୁଢାବାହାଲସ୍ଥିତ ଦୁର୍ଗାମାଧବ କର୍ଣ୍ଣଙ୍କ ବାସଭବନରେ ୨୦ତମ ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ "ଆଦର୍ଶ ପିତାମାତା" ସମ୍ପର୍କରେ ଆଲୋଚନା କରିଥିଲେ।... ୨୩.୮.୨୬ରେ ଡିଲିପଡାଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ "ନାରୀର କର୍ତ୍ତବ୍ୟ" ସମ୍ପର୍କରେ ସୁଦାମ ଚରଣ ପଟେଲ ଆଲୋଚନା କରିଥିଲେ।... ୩୦.୮.୨୬ରେ ଲୋକଡେଗାସ୍ଥିତ ଲବଣି ପଟେଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନବଜନ୍ମ", "ନୂତନ ପୃଥିବୀ", "ନାରୀ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ସେପ୍ଟେମ୍ବର ୪, ୧୨, ୧୪ ତାରିଖରେ ବଡଖଲିଆ, ଛୋଟବାଙ୍କ, ଦରଲିପାଲିଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ "ଆଦର୍ଶ ଶିଶୁ", "ଧର୍ମ ଏବଂ ଆଧ୍ୟାତ୍ମିକତା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୫.୯.୨୬ରେ ଝୁଲେନଡିହିସ୍ଥିତ ଦିପକ ଓରମ, ଦିଆମୁଣ୍ଡାସ୍ଥିତ ଓମ୍ ଓରମ୍, ଟଙ୍ଗୋପରାସ୍ଥିତ ଚନ୍ଦ୍ରଭାନୁ ଓରମ୍ ପ୍ରମୁଖଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୫ମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ "ମନ", "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା", "ମା'

ନାମଜପ" ସମ୍ପର୍କରେ ସୁଦାମ ଚରଣ ପଟେଲ ଆଲୋଚନା କରିଥିଲେ।

ସଙ୍ଗତି ମଣ୍ଡଳ

ସମ୍ବଲପୁର:-୨୦.୮.୨୬ରେ କୁଚିଣ୍ଡା ବ୍ଲକର ଗୋଛରା ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୨.୮.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଆକଟାପାଲିଠାରେ ଧନକଉଡା ବ୍ଲକର ସାହିତ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି।... ୨୩.୮.୨୬ରେ ଉଦୀୟମାନ ମାତୃକ୍ଷେତ୍ରଠାରେ ଅରୁଣ ସାମଲଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।... ୨୯.୮.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରେଙ୍ଗାଲିଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୯.୮.୨୬ରେ ଜମନକିରା ବ୍ଲକର ଜାଲିଖୋଲ, ସର୍ବେଜାଲ, ସାନ ଲଙ୍ଗାବାହାଲ ଆଦି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୩୦.୮.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବଡମାଳଠାରେ ବାମରା ବ୍ଲକସ୍ତରୀୟ ବୈଠକ ଏବଂ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।... ସେପ୍ଟେମ୍ବର ୨ ରୁ ୧୦ ତାରିଖ ମଧ୍ୟରେ ଜମନକିରା ବ୍ଲକର କୁଲିଣ୍ଡି, ସୁବର୍ଣ୍ଣପାଲି, ଭୋଜପୁର, ଚୁଡିପାଲି ଓ ସପ୍ତପଥର ଆଦି ଗ୍ରାମମାନଙ୍କରେ ଥିବା ଉଚ୍ଚ ବିଦ୍ୟାଳୟଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ସେପ୍ଟେମ୍ବର ୩ ଓ ୪ ତାରିଖ ଦୁଇଦିନଧରି କୁଲୁଣ୍ଡି ପଞ୍ଚାୟତର ବାଙ୍କଟାଲ, ଲଙ୍କେଶ୍ୱରୀ, ବୁଣିକୁଟୁଟି, ବନ୍ଦାବାହାଲ ଓ ବାବାଭେରୀ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୫.୯.୨୬ରେ କୁଚିଣ୍ଡା ବ୍ଲକ ଓ ଜମନକିରା ବ୍ଲକର ଦଶକର୍ମଧାରା ବୈଠକ ଅନୁଷ୍ଠିତ ହୋଇଯାଇଛି।... ୬.୯.୨୬ରେ ଜମନକିରା ବ୍ଲକର ଲାଡନପାଲି ଓ ରଜାମୁଣ୍ଡା ଗ୍ରାମରେ ସାମୁହିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୯.୯.୨୬ରେ ମାତୃକ୍ଷେତ୍ରର ପ୍ରତିଷ୍ଠା ଦିବସ ଓ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି।... ସେପ୍ଟେମ୍ବର ୯ ରୁ ୧୨ ତାରିଖ ମଧ୍ୟରେ ଜମନକିରା ବ୍ଲକର କଟଙ୍ଗପାଣି, ଘୋଷରାଗୁଡା, ରେଙ୍ଗାଳବେଡା, ଜମନକିରା ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୨.୯.୨୬ରେ ଧନକଉଡା ବ୍ଲକର କାଇଁଶିରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୨.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କାଇଁଶିରଠାରେ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି।... ସେପ୍ଟେମ୍ବର ୪, ୫, ୯ ଓ ୧୨ ତାରିଖରେ କୁଚିଣ୍ଡା ବ୍ଲକର ଅନ୍ଧାରପାଲି ଓ ସୁବର୍ଣ୍ଣପାଲି, ଧନୁପାଲି ଓ ବନମାଳଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୦.୯.୨୬ରେ ମାନେଶ୍ୱର ବ୍ଲକର ପରମାଣପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।

ଅକ୍ଟୋବର ୧ତାରିଖ ସଙ୍ଗଠନ ସମାଚାରରେ ସ୍ଥାନ ପାଇନଥିବା ସମାଚାର

ସମର୍ପଣ ମଣ୍ଡଳ

କୋରାପୁଟ :- ୧.୯.୨୬ରେ କୋଲାବନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ କୁମାର ନାୟକ ଅଂଶଗ୍ରହଣ କରିଥିଲେ।... ୨.୯.୨୬ରେ କୋଲାବନଗରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ଅଭିଭାବକ ବୈଠକରେ ଟଙ୍କଧର ବେହେରା ଓ ପ୍ରଭାତ କୁମାର ନାୟକ "ପୂର୍ଣ୍ଣାଙ୍ଗ ଶିକ୍ଷା" ଏବଂ "ଅଭିଭାବକଙ୍କ ଭୂମିକା" ବିଷୟରେ ଆଲୋଚନା କରିଥିଲେ।... ୩.୯.୨୬ରେ କୋଟପାଡ ମହାନ୍ତି ସାହିସ୍ଥିତ ସଚ୍ଚିଦାନନ୍ଦ ରଥଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିନୋଦ ବିହାରୀ ଦାସ "ବିଶ୍ୱ ଚେତନା ସହ ଏକାତ୍ମ ହେବା" ବିଷୟରେ ଆଲୋଚନା କରିଥିଲେ।... ସେମିଳିଗୁଡାସ୍ଥିତ ଦେବେନ୍ଦ୍ର ମାଝିଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ କୁମାର ନାୟକ ଅଂଶଗ୍ରହଣ କରିଥିଲେ।... ୪.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋଟପାଡଠାରେ ପ୍ରତାପ କୁମାର ଦେଓ୍ୱାନଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସଚ୍ଚିଦାନନ୍ଦ ରଥ "ଶ୍ରୀଅରବିନ୍ଦଙ୍କ ଉପସ୍ଥିତି" ବିଷୟରେ ଆଲୋଚନା କରିଥିଲେ।... ୪.୯.୨୬ରେ କୋରାପୁଟ ବ୍ଲକ ଅନ୍ତର୍ଗତ ଚଉଗାଁ ଆଶ୍ରମ ବିଦ୍ୟାଳୟ ଓ ଶ୍ରୀଅରବିନ୍ଦ ଭବନ କୋରାପୁଟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ କୁମାର ନାୟକ "ଭବିଷ୍ୟତ ନିମନ୍ତେ ବାଳିକାମାନଙ୍କ ପ୍ରସ୍ତୁତି" ଓ "ଶ୍ରୀଅରବିନ୍ଦ ଓ ଶ୍ରୀକୃଷ୍ଣଙ୍କ ଚେତନା" ବିଷୟରେ ଆଲୋଚନା କରିଥିଲେ।... ୫.୯.୨୬ରେ ଜୟପୁର ବ୍ଲକ ଅନ୍ତର୍ଗତ ମକାପୁଟ ଉଚ୍ଚ ବିଦ୍ୟାଳୟ ଓ କଳସହାଣ୍ଡିସ୍ଥିତ ଚରେଇବତୀ ଶ୍ରୀଅରବିନ୍ଦ ସାଧନ କେନ୍ଦ୍ରରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ କୁମାର ନାୟକ ଅଂଶଗ୍ରହଣ କରିଥିଲେ।... ୬.୯.୨୬ରେ କୋଟପାଡ ବ୍ଲକ ଅନ୍ତର୍ଗତ ବବେୟା ପଞ୍ଚାୟତର ଚିଲିଗୁଡାସ୍ଥିତ ଅମ୍ରିତା ରଣାଙ୍କ ବାସଭବନରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ଉଷା ରାଣୀ ଦାସ "ଶ୍ରୀମା'ଙ୍କ ଉପସ୍ଥିତି" ବିଷୟରେ ଆଲୋଚନା କରିଥିଲେ।... ୬.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜଳସେଚନ ବସତି, ଜୟପୁରଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀରେ ମାଳବିକା "ଶ୍ରୀଅରବିନ୍ଦଙ୍କ ଯୋଗରେ ନାରୀର ସାଧନା" ଓ ପ୍ରଭାତ କୁମାର ନାୟକ "ଦିବ୍ୟ ଉପସ୍ଥିତି" ବିଷୟରେ ଅଲୋଚନା କରିଥିଲେ।... ସେପ୍ଟେମ୍ବର ୭ ଓ ୯ ତାରିଖରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ "ଭୟକୁ ଜୟ କରିବା" ଏବଂ ଶୀତାଂଶୁ ବେହେରା "ଜନ୍ମଦିନର ବିଶେଷତ୍ୱ" ବିଷୟରେ ଆଲୋଚନା କରିଥିଲେ।... ୧୩.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଦାମନଯୋଡିଠାରେ ଶ୍ରୀଅରବିନ୍ଦ

ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦିବ୍ୟଯୁଗ ସ୍ଥାପନାରେ ନାରୀ" ବିଷୟରେ ପ୍ରଭାତ କୁମାର ନାୟକ ଓ "ନାରୀ ଅତୀତ ଓ ବର୍ତ୍ତମାନର" ବିଷୟରେ ମମତା ସାମଲ ଆଲୋଚନା କରିଥିଲେ।... ସେପ୍ଟେମ୍ବର ୧୪ ଓ ୧୫ ତାରିଖରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, କୋଟପାଡ, ଚାନ୍ଦିଲି ପଞ୍ଚାୟତ ଅନ୍ତର୍ଗତ ଏରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଭାନସୁଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ କୁମାର ନାୟକ "ଜ୍ଞାନ ପିପାସୁ ହେବା", "ଶ୍ରୀଅରବିନ୍ଦ ପାଠଚକ୍ର କିପରି ଓ କାହିଁକି କରିବା", "ଭଗବାନଙ୍କୁ ନିଜ ଭିତରେ ଖୋଜିବା" ଓ "କାମନାର ବିନାଶ ଭଗବତ ପ୍ରାପ୍ତିର ଏକ ମାର୍ଗ" ବିଷୟରେ ଆଲୋଚନା କରିଥିଲେ।... ୧୬.୯.୨୬ରେ କୋରାପୁଟ ଜାନିଗୁଡାସ୍ଥିତ କମଳାକାନ୍ତ ମହାନ୍ତିଙ୍କ ବାସଭବନରେ ସର୍ଗତଃ ଭାରତୀ ମହାନ୍ତିଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଶାନ୍ତ କୁମାର ସ୍ୱାଇଁ "ଜୀବନ ଓ ମୃତ୍ୟୁର ରହସ୍ୟ" ବିଷୟରେ ଆଲୋଚନା କରିଥିଲେ।... ୧୮.୯.୨୬ରେ ସର୍ବୋଦୟ ସମିତି, କୋରାପୁଟଠାରେ ସୁନନ୍ଦା ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ "ଜ୍ଞାନ-ଅନ୍ୱେଷଣ, ଅର୍ଜ୍ଜନ ଓ ଉପଲବ୍ଧି" ବିଷୟରେ ଆଲୋଚନା କରିଥିଲେ।... ୧୯.୯.୨୬ରେ ମାଳିସାହିସ୍ଥିତ ପ୍ରସନ୍ନ ପଣ୍ଡାଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ ଓ ଟଙ୍କଧର ବେହେରା "ତୁମ ଅନ୍ତରସ୍ଥ ମନ୍ଦିର" ବିଷୟରେ ଆଲୋଚନା କରିଥିଲେ।... ୧୯.୯.୨୬ରେ ମଣ୍ଡିପୁଟସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଶାନ୍ତାକାର "ପିଲାଙ୍କ ଭବିଷ୍ୟତ ଗଠନ", ଟଙ୍କଧର ବେହେରା "ଆଦର୍ଶ ଶିଶୁ" ଓ ପ୍ରଶାନ୍ତ କୁମାର ସ୍ୱାଇଁ "ମା'ଙ୍କ ଉପସ୍ଥିତି" ବିଷୟରେ ଆଲୋଚନା କରିଥିଲେ।... ୧୯.୯.୨୬ରେ କୋଟପାଡ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିନୋଦ ବିହାରୀ ଦାସ "ସଙ୍କଳ୍ପ ଶକ୍ତିକୁ ଦୃଢ କର" ବିଷୟରେ ଆଲୋଚନା କରିଥିଲେ।... ୨୬.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, କୋରାପୁଟଠାରେ ପୂଜ୍ୟ ମାମୁଁ ଗଦାଧର ମିଶ୍ରଙ୍କ ଜନ୍ମଦିବସରେ ଦଶକର୍ମଧାରା ଦିବସରେ ମମତା ସାମଲଙ୍କ ପରିଚାଳନାରେ ଦଶକର୍ମାଧାରା ଅନ୍ତର୍ଗତ ଶ୍ରୀଅରବିନ୍ଦ ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ପରିଷଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ନେହାଲ ନନ୍ଦ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ତାରିଣୀ ଚରଣ ପତି ଏହି ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ" ବିଷୟରେ, ହରିହର ସାହୁ " ପୂଜ୍ୟ ମାମୁଁଙ୍କ" ସ୍ତୁତି ଚାରଣ, ପ୍ରଶାନ୍ତ କୁମାର ସାଇଁ ଓ ସୁଜାତା ପତି "ବିଜ୍ଞାନ ପରିଷଦର ଲକ୍ଷ୍ୟ" ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ

ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିକ୍ରମ କେଶରୀ ଜେନା, କୋଦଣ୍ଡ ନାୟକ, କଳ୍ପନା ରାଉତ, ଅନୁପା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।... ୨୬.୯.୨୬ରେ ଦଶକର୍ମଧାରା ଦିବସ ଅବସରରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କୋଲାବ ନଗରଠାରେ "ଶିକ୍ଷା ଗବେଷଣା ପରିଷଦ", ଜୟପୁର ଜଳ ସେଚନ ବସତିଠାରେ "କୃଷି ପରିଷଦ", ଜୟପୁର ରାଜୁ ସାହିଠାରେ "କଳା ପରିଷଦ", ଦାମନଯୋଡିଠାରେ "ଆଲୋକ ସେନା", ସୁନାବେଡା - ୩ ଓ ବୋରିଗୁମ୍ଫାଠାରେ "ସାହିତ୍ୟ ପରିଷଦ", ସୁନାବେଡା-୧ ଠାରେ "ଲିଗାଲ୍ ୟୁନିଟ୍ ପରିଷଦ", କୋଟପାଡଠାରେ "ସ୍ୱାସ୍ଥ୍ୟ ପରିଷଦ", ଶଶାହାଣ୍ଡିଠାରେ "ବାଣିଜ୍ୟ ପରିଷଦ", ନକୁଳଗୁଡା ଓ ବାରିଣିପୁଟଠାରେ "ଶ୍ରୀଅରବିନ୍ଦ ପାଠଚକ୍ର ପରିଷଦର" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାହାର ଏକ ସଂକ୍ଷିପ୍ତ ବିବରଣୀ।... ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସୁନାବେଡା -୧ଠାରେ ଦଶକର୍ମଧାରା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ଲିଗାଲ ୟୁନିଟ୍‌ର କାର୍ଯ୍ୟକ୍ରମ ସଂଯୋଜକ କମଳାକାନ୍ତ ସାହୁ ଓ ଆଇନଜୀବୀ ସୌଭାଙ୍ଗିନୀ ଅପାଙ୍ଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହା ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କୁ "ଦଶକର୍ମଧରା ଓ ଆଇନ" ସଂପର୍କରେ ଅବଗତ କରାଯାଇଥିଲା ଓ ଦ୍ୱିତୀୟ ପର୍ଯ୍ୟାୟ ବିଦ୍ୟାଳୟର କମିଟି ଓ ସମସ୍ତ ଅପାଭାଇ ମାନଙ୍କୁ ନେଇ ବିଦ୍ୟାଳୟର ଅନ୍ୟାନ୍ୟ ବିଷୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିଶେଷରେ ସ୍ୱର୍ଗତ ଗଦାଧର ମିଶ୍ର (ମାମୁଁ)ଙ୍କ ଜନ୍ମଦିବସ ଉପଲକ୍ଷେ ନୀରବ ଧ୍ୟାନ ପୂର୍ବକ କାର୍ଯ୍ୟକ୍ରମକୁ ସମାପ୍ତ କରାଯାଇଥିଲା।... ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ରାଜୁ ସାହି, ଜୟପୁରଠାରେ ଦଶକର୍ମଧାରା ଦିବସ ପାଳନ ଅବସରରେ "କଳା ପରିଷଦ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାରମ୍ଭରେ ପୂଜ୍ୟ ମାମୁଁଙ୍କର ସ୍ମୃତିଚାରଣ କରାଯିବା ସହିତ "ଦଶକର୍ମଧାରା ଦିବସର ମହତ୍ତ୍ୱ ଓ ଉଦ୍ଦେଶ୍ୟ" ସମ୍ପର୍କରେ ପଞ୍ଚାନନ ମିଶ୍ର ଆଲୋକପାତ କରିଥିଲେ। ଶିକ୍ଷା କେନ୍ଦ୍ରର ଶିକ୍ଷକମାନେ ତଥା ସମ୍ପାଦକଙ୍କ ଦ୍ୱାରା କଳା ପରିଷଦ ସମ୍ପର୍କରେ ବିଭିନ୍ନ ତଥ୍ୟ ଓ ଚିନ୍ତନୀୟ ବିଷୟ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ପୁଷ୍ପ ପ୍ରଦର୍ଶନୀ, ଫଟୋ ପ୍ରଦର୍ଶନୀ, ବାଣୀ ପ୍ରଦର୍ଶନୀ, ହସ୍ତକର୍ମ ପ୍ରଦର୍ଶନୀ ଓ ଚିତ୍ରାଙ୍କନ ପ୍ରଦର୍ଶନୀ କରାଯାଇଥିଲା। ଶିଶୁମାନଙ୍କର ସୃଜନଶୀଳତା, ପ୍ରତିଭା ଓ କଳ୍ପନାଶକ୍ତି ଏହି ପ୍ରଦର୍ଶନୀଗୁଡ଼ିକ ମାଧ୍ୟମରେ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରକାଶ ପାଇଥିଲା। ଶେଷ ପର୍ଯ୍ୟାୟରେ ଶିଶୁମାନଙ୍କ ଦ୍ୱାରା ଏକ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂଜ୍ୟ ମାମୁଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଶିଶୁମାନଙ୍କ ଦ୍ୱାରା ରଚିତ କବିତାଗୁଡ଼ିକ ମଧ୍ୟ ପାଠ କରାଯାଇଥିଲା।... ବୋରିଗୁମ୍ଫା ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ

ଶିକ୍ଷକେନ୍ଦ୍ର, ଶଶାହାଣ୍ଡିଠାରେ "ଶ୍ରୀଅରବିନ୍ଦ ବାଣିଜ୍ୟ ପରିଷଦ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ବାଣିଜ୍ୟ ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ" ବିଷୟରେ ଆଲୋଚନା କରାଯାଇଥିଲା ।... ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋଲାବ ନଗରଠାରେ "ଶ୍ରୀଅରବିନ୍ଦ ଶିକ୍ଷା ଓ ଗବେଷଣା ପରିଷଦ"ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦିବାକର ଲେଙ୍କା "ଶିକ୍ଷା ଓ ଗବେଷଣା ପରିଷଦର ଉଦ୍ଦେଶ୍ୟ ଓ ସମାଜର ହିତ ସାଧନାରେ ଏହାର ଉପକାରିତା" ବିଷୟରେ ଆଲୋଚନା କରିବା ସହ ମାମୁଁଙ୍କ ସ୍ମୃତିଚାରଣ କରିଥିଲେ ।... ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜଳସେଚନ ବସତି, ଜୟପୁରଠାରେ କୃଷି ପରିଷଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାମୀ ନାଥନ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା "କୃଷି ଦେଶର ମେରୁଦଣ୍ଡ" ବିଷୟରେ ଆଲୋଚନା କରିଥିଲେ ଓ ନିରଞ୍ଜନ ଗଉଡ "ଜୈବିକ ସାରର ଉପାଦେୟତା" ବିଷୟରେ ଆଲୋଚନା କରିଥିଲେ ।... ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାରିଣୀପୁଟଠାରେ ଶ୍ରୀଅରବିନ୍ଦ ପାଠଚକ୍ର ପରିଷଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।... ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସୁନାବେଡା-୩ ଠାରେ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡ. ବିଦ୍ୟୁତପ୍ରଭା ରଥ "ଶ୍ରୀଅରବିନ୍ଦଙ୍କ ସାହିତ୍ୟକୃତି" ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗୀତା ମଧ୍ୟ କରାଯାଇଥିଲା ।... ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୋରିଗୁମ୍ଫାଠାରେ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ପରିଚାଳନାରେ ପିଲାମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗୀତା କରାଯାଇଥିଲା ।... ୨୬.୯.୨୬ରେ ବୋରିଗୁମ୍ଫା ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନକୁଳଗୁଡାଠାରେ ପୁରାତନ ଛାତ୍ର/ ଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବାସନ୍ତୀ ବୈଦ୍ୟ "ଦଶକର୍ମଧାରା ଓ ଦିବ୍ୟ ସମାଜ" ଏବଂ ନୀଳମାଧବ ମିଶ୍ର "ଆମ ସମସ୍ତଙ୍କ ମାମୁଁ' ବିଷୟରେ ଆଲୋଚନା କରିଥିଲେ ।... ୨୭.୯.୨୬ରେ କୋଟପାଡ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସଚ୍ଚିଦାନନ୍ଦ ରଥ "ବଧାବିଘ୍ନ ଅଗ୍ରଗତି ପାଇଁ" ବିଷୟରେ ଆଲୋଚନା କରିଥିଲେ ।... ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶଶାହାଣ୍ଡିଠାରେ କୋରାପୁଟ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ଆଇନ ପରିଷଦର ବାର୍ଷିକ ବୈଠକ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜେନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମଳାକାନ୍ତ ମହାନ୍ତି " ଲିଗାଲ ୟୁନିଟ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ" ଓ ପ୍ରଶାନ୍ତ କୁମାର ସ୍ୱାଇଁ "ବିଦ୍ୟାଳୟରେ ଅପା ଭାଇମାନଙ୍କ ଆଇନଗତ ଭୂମିକା", ସୁରେନ୍ଦ୍ରନାଥ ଦାଶ "ଦଶକର୍ମଧାରାରେ ଆଇନ ପରିଷଦର

ଭୂମିକା" ଓ ସୁଜାତା ପତି "ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଲୋକରେ ଆଇନ ପରିଷଦ" ବିଷୟରେ ଆଲୋଚନା କରିଥିଲେ। ପରିଶେଷରେ ପ୍ରତାପ କୁମାର ଦେଓ୍ୱାନ କୃତଜ୍ଞତା ଜ୍ଞାପନ କରିଥିଲେ।... ୨୮.୯.୨୬ରେ ଅଶୋକ ନଗରଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ "କଳା ଓ ଯୋଗ" ବିଷୟରେ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଶିକ୍ଷାଦାନ" ଓ "ମାତୃରଚନାବଳି ୧୭ ଖଣ୍ଡ" ପୁସ୍ତକକୁ ଭବେଶ ଚନ୍ଦ୍ର ସାହୁ, ଦମୟନ୍ତୀ ପ୍ରହରାଜ ଓ ବିଜୟାନନ୍ଦ ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଭାସିନୀ ପାଣି, ଦମୟନ୍ତୀ ପ୍ରହରାଜ ଓ ନିହାରିକା ପରିଚାଳନା କରିଥିଲେ।

ଶାନ୍ତି ମଣ୍ଡଳ

ସୁବର୍ଣ୍ଣପୁର:- ୧୯.୯.୨୬ରେ ଉଲୁଣ୍ଡା ବ୍ଲକସ୍ଥିତ କଳାପଥରସ୍ଥିତ ଅଚ୍ୟୁତାନନ୍ଦ ରଣାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଦନ ମୋହନ ଦାନୀ "ପ୍ରାରମ୍ଭିକ ସୂଚନା", ଅଚ୍ୟୁତାନନ୍ଦ ରଣା "ସ୍ୱାଗତ ଭାଷଣ", ବ୍ରଜ ମୋହନ ବେହେରା "ନୂତନ ସମାଜ ଗଠନରେ ମା'ଶ୍ରୀଅରବିନ୍ଦଙ୍କ ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ ସୁଧାଂଶୁ ଶେଖର ଲୁହା କୃତଜ୍ଞତା ଜ୍ଞାପନ କରିଥିଲେ।... ୨୬.୯.୨୬ରେ ଡୁଙ୍ଗୁରିପାଲିସ୍ଥିତ ସତ୍ୟବ୍ରତ ବେହେରାଙ୍କ ବାସଭବନରେ ପୂଜ୍ୟ ମାମୁଁଙ୍କ ଜନ୍ମ ଦିବସ ତଥା ଦଶକର୍ମଧାରା ଦିବସ ପାଳିତ ହୋଇଯାଇଛି। ଏଥିରେ "ଦଶକର୍ମଧାରା", "ପୂଜ୍ୟ ମାମୁଁଙ୍କର ଜୀବନୀ" ଆଲୋଚନା କରାଯାଇଥିଲା।

ସମର୍ପଣ ମଣ୍ଡଳ

ମାଲକାନଗିରି:- ୨୬.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଲିମେଳାଠାରେ ଦଶକର୍ମଧାରା ଦିବସ ତଥା ପୂଜ୍ୟ ମାମୁଁଙ୍କର ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଥମ ଅଧିବେଶନରେ "ମା'ଶ୍ରୀଅରବିନ୍ଦ କାର୍ଯ୍ୟରେ ମାମୁଁଙ୍କର ଭୂମିକା", "ଦଶକର୍ମଧାରା ଲକ୍ଷ୍ୟ ଓ ଭୂମିକା" ସମ୍ପର୍କରେ ଆଲୋଚନା କରାଯାଇଛି। ଦ୍ୱିତୀୟ ଅଧିବେଶନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନ୍ତର୍ଗତ ଶିକ୍ଷା ଓ ଗବେଷଣା କାର୍ଯ୍ୟକ୍ରମ ଦଶକର୍ମ ଧାରା କାର୍ଯ୍ୟ ଅନୁସାରେ "ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ, ଅଦର୍ଶ ଓ ଆବଶ୍ୟକତା" ସମ୍ପର୍କରେ ବିଜୟାନନ୍ଦ ଦାସ ଆଲୋଚନା କରିଥିଲେ। ବିଚିତ୍ରା ନନ୍ଦ ରାଉତଙ୍କ ପରିଚାଳନାରେ ଶିକ୍ଷା କେନ୍ଦ୍ରର ଅପା ଭାଇ ତଥା ଅଭିଭାବକମାନଙ୍କୁ ନେଇ ୨ଟି ଦଳ ଗଠନ କରାଯାଇଥିଲା। ସେଥିରେ "ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଭିଭାବକମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ", "ଶିକ୍ଷକମାନଙ୍କର ଦାୟିତ୍ୱ ଓ ଭୂମିକା" ଓ "ପୂର୍ଣ୍ଣାଙ୍ଗ ଶିକ୍ଷାରେ ଶିକ୍ଷଣ ପଦ୍ଧତି" ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ବସନ୍ତ ରଣା, ଦିଲୀପ ଓଝା ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୫୦ ଜଣ ଅପଭାଇ,

ଶିକ୍ଷକ, ଶିକ୍ଷୟତ୍ରୀ ଓ ଦଶକର୍ମଧାରା ସଂଯୋଜକ ଯୋଗଦେଇଥିଲେ ।

ସତ୍ୟ ମଣ୍ଡଳ

ଯାଜପୁର:- ୯.୮.୨୬ରେ କାରିପଦାସ୍ଥିତ ନିକୁଞ୍ଜ ବିହାରୀ ପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସବିତା ନାୟକ "ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୦.୮.୨୬ରେ ଖେମେଶ୍ୱରସ୍ଥିତ ଆଲଫାରାଣୀ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର କବିତା ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀମା ଶ୍ରୀଅରବିନ୍ଦଙ୍କ ଜୀବନୀ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୧୫.୮.୨୬ରେ ଅନ୍ୟାସପୁରସ୍ଥିତ ସାଧୀନ ମଲ୍ଲିକଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର କବିତା ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି ।... ୩୦.୮.୨୬ରେ ବେଲବାହାଳୀସ୍ଥିତ ପଶ୍ଚିମ ଯାଜପୁର ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ଣ୍ଣପ୍ରଭା ସାହୁ ସ୍ୱାଗତ ଭାଷଣ, ନିତ୍ୟାନନ୍ଦ ମାଝୀ, ଗୌତମ ଖଟୁଆ ଓ ବନମାଳୀ ଆଚାର୍ଯ୍ୟ "ଭାଗବତ କର୍ମ ଓ ଭାଗବତ ଅଭିବ୍ୟକ୍ତି" ସମ୍ପର୍କରେ ଆଲୋଚନା କରାଯାଇଥିଲା ଏବଂ ପରିଶେଷରେ ଶୁଭେନ୍ଦୁ ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ ।... ୫.୯.୨୬ରେ ରସୁଲପୁରସ୍ଥିତ ବିଶ୍ୱଜିତ ପତିଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର କରୁଣାକର ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ ପୂର୍ଣ୍ଣଯୋଗ" ସମ୍ପର୍କରେ ଅନାଦି ଚରଣ ସାଇଁ, କୀର୍ତ୍ତନ ବିହାରୀ ବ୍ରହ୍ମ, ଶାନ୍ତନୁ ମିଶ୍ର ଆଲୋଚନା କରିଥିଲେ ଏବଂ ସରୋଜିନୀ ପତି କୃତଜ୍ଞତା ଜ୍ଞାପନ କରିଥିଲେ ।... ୬.୯.୨୬ରେ ଦାନଗଦୀସ୍ଥିତ ଶ୍ରୀମାଶ୍ରୀଅରବିନ୍ଦ ପାଠଚକ୍ର ଗୃହରେ ପୁଷ୍କଶ୍ରୀଠାରେ ପଶ୍ଚିମ ଯାଜପୁର ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅମୂଲ୍ୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଅତିମାନସ ଯୋଗ ଓ ଶ୍ରୀଅରବିନ୍ଦ ପାଠଚକ୍ର" ସମ୍ପର୍କରେ ଦେବାନନ୍ଦ ସାହୁ, ଜଗତାନନ୍ଦ ମହାପାତ୍ର, ଅଜୟ କୁମାର ସାହୁ, ଗୌତମ ଖଟୁଆ, ବନମାଳୀ ଆଚାର୍ଯ୍ୟ ଓ କୈଳାସ ଚନ୍ଦ୍ର କୁଅଁର ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦମୟନ୍ତୀ ନାୟକ ଓ ନିତ୍ୟାନନ୍ଦ ମାଝୀ ସହଯୋଗ କରିଥିଲେ ।... ୧୨.୯.୨୬ରେ ନାଥପୁରସ୍ଥିତ ସ୍ନିଗ୍ଧାରାଣୀ ଜେନାଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ସୁଶାନ୍ତ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି ।... ୧୨.୯.୨୬ରେ ଧାରପୁରସ୍ଥିତ ଗୁନଚରଣ ନାୟକଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ

ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ସୁଶାନ୍ତ କୁମାର ଜେନା ଆଲୋଚନା କରିଥିଲେ।... ୧୭.୯.୨୬ରେ ଅଣିକଣାଠାରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଶରତ ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜୀବନର ଲକ୍ଷ୍ୟ" ସମ୍ପର୍କରେ ଶରତ ବିଶ୍ୱାଳ ଆଲୋଚନା କରିଥିଲେ।... ୨୦.୯.୨୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାଳଆନନ୍ଦପୁରଠାରେ ଜିଲ୍ଲାସ୍ତରୀୟ କୁସାଗର ବାର୍ଷିକୋତ୍ସବ ଅମୂଲ୍ୟ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବିତା ରାଣୀ ସ୍ୱାଗତ ଭାଷଣ, ରବିପ୍ରସାଦ ସାମଲ "ଜରିବସ୍ତାରେ ଫୁଲକୁଣ୍ଡ", "ଲଫାପା ପ୍ରସ୍ତୁତି" ଓ "ଠୁଙ୍ଗା ପ୍ରସ୍ତୁତି" ବିଷୟରେ ଆଲୋଚନା କରାଯାଇଥିଲା ଏବଂ ଭଗବତୀ ପ୍ରସାଦ ଦାଶ "ହ୍ୟାଣ୍ଡ ୱାଶ, ଧୂପ, ମହମବତୀ ଓ ଫିନାଇଲ" ଆଦିର ପ୍ରସ୍ତୁତି କରଣ ଉପରେ ଶିକ୍ଷା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କହ୍ନେଇଚରଣ ପୃଷ୍ଟି "ସଙ୍ଗଠନ ସମ୍ବନ୍ଧୀୟ ସୂଚନା" ପ୍ରଦାନ କରିଥିଲେ ଏବଂ କୈଳାସ ଚନ୍ଦ କୁଅଁର ଉପସଂହାର କରିଥିଲେ।

●

ମାତୃଭବନ ପତ୍ର ସମ୍ପର୍କରେ

ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା

ଯେଉଁ ବନ୍ଧୁମାନଙ୍କର ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର** ତୁରନ୍ତ ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କିଛି ଜାଣିବାକୁ ଥିଲେ **ମୋ:୯୪୩୮୭୦୪୬୭୩ରେ ଅନୁପମା ଦଳାଇ (ପିଙ୍କି ଅପା)ଙ୍କୁ** ଜଣାଇବାକୁ ଅନୁରୋଧ। **ଅଭିଯୋଗ ଜଣାଇବା ସମୟରେ ନିଜର ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

ପରିଚାଳକ

ସତ୍‌ଚାଳିଶତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ
୨୪, ୨୫, ୨୬ ଜାନୁୟାରୀ ୨୦୨୬

ଦିବ୍ୟ ଅଭୀପ୍ସୁ ବନ୍ଧୁଗଣ,

ଦିବ୍ୟ ଜନନୀଙ୍କ ଅପାର କରୁଣାରୁ ସତଚାଳିଶତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଆସନ୍ତା ଜାନୁୟାରୀ ୨୦୨୬ ମସିହା ତା. ୨୪, ୨୫, ୨୬ ରିଖ ତିନି ଦିନ ଧରି ଦେବଗଡ଼ ଜିଲ୍ଲା ତାରଙ୍ଗସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିରିକୃତ ହୋଇଛି। ଏପରି ଏକ ବିରାଟ ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ କରିବାର ସୁଯୋଗ ପାଇ ଆମ୍ଭେମାନେ ନିଜକୁ ଧନ୍ୟ ମନେକରୁଛୁ ତଥା ଦିବ୍ୟ ଜନନୀଙ୍କ କରୁଣାକୁ ଗ୍ରହଣ କରି ତୀବ୍ର ଅଭୀପ୍ସା ସହ ନିଜକୁ ପ୍ରସ୍ତୁତ କରିଚାଲୁଛୁ।

ବାବାଜି ମହାରାଜ କୁହନ୍ତି, "ପ୍ରତ୍ୟେକ ବ୍ୟକ୍ତି ଯାହା ଚାହାନ୍ତି ତାହା ହିଁ ଯଥାର୍ଥ ଜୀବନର ଲକ୍ଷ୍ୟ। ସେହି ଲକ୍ଷ୍ୟ ପ୍ରାପ୍ତିର ସମୟ ଆସିଯାଇଛି। ସଂସାରରେ ଜଣେ ବ୍ୟକ୍ତିକୁ ମଧ୍ୟ ବାଦ ନଦେଇ ସମସ୍ତ ବ୍ୟକ୍ତି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଓ ଦୁଃଖ କଷ୍ଟରୁ ମୁକ୍ତି ଚାହାଁନ୍ତି। ଏହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ।"

ଏହି କାର୍ଯ୍ୟରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ହିଁ ଭଗବାନଙ୍କ ଯନ୍ତ୍ର ଭାବରେ ଯଥାର୍ଥ ମାତୃତ୍ୱର ଅଧିକାରିଣୀ ହୋଇ ନୂତନ ସୃଷ୍ଟିକୁ ଭୂମିଷ୍ଠ କରିବାରେ ସାହାଯ୍ୟ କରିବେ। ମହିଳାମାନଙ୍କ ହୃଦୟ ସରଳ ଓ ଗ୍ରହଣଶୀଳ। ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗକୁ ସହଜରେ ଗ୍ରହଣ କରିପାରିବେ। ନାରୀମାନେ ପରିବାରର କେନ୍ଦ୍ରବିନ୍ଦୁ। "ମଣିଷମାନଙ୍କ ମଧ୍ୟରୁ ନାରୀହିଁ ପ୍ରଥମେ ଏହି ବୃହତ, ସୁମହତ ପରିବର୍ତ୍ତନକୁ ଉପଲବ୍ଧି କରିବା ଆବଶ୍ୟକ। କାରଣ ପୃଥିବୀ ପୃଷ୍ଠରେ ନୂତନ ମାନବ ଜାତି ସ୍ଥାପନାରେ ପ୍ରଥମ ନମୁନାମାନଙ୍କୁ ଜନ୍ମ ଦେବା କାର୍ଯ୍ୟଟି ନାରୀ ଉପରେହିଁ ନ୍ୟସ୍ତ କରାଯାଇଛି।" ଏଣୁ ମହିଳା ପାଠଚକ୍ର ସମ୍ମିଳନୀର ଆୟୋଜନ ଓ ଯୋଗଦାନ - ନୂତନ ସମାଜ ଓ ନୂତନ ଜାତି ପ୍ରତିଷ୍ଠା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛି। ବିଶେଷତଃ ମହିଳାମାନେ ଅଧିକ ସଚେତନ ହେଲେ, ନିଜକୁ ଗଢ଼ିତୋଳିଲେ ପରିବାରରେ ଏକ ଦିବ୍ୟ ବାତାବରଣ ସୃଷ୍ଟି ହେବ। କ୍ରମେ ସେହି ଅଞ୍ଚଳ, ରାଜ୍ୟ, ଦେଶ ଓ ଜଗତରେ ପରିବ୍ୟାପ୍ତ ହୋଇ ଦିବ୍ୟ ଆନନ୍ଦ, ଦିବ୍ୟ ଜ୍ଞାନ ଓ ଦିବ୍ୟ ପ୍ରେମର ଅମୃତ ଧାରା ସହ ଦିବ୍ୟ ଜୀବନ ପ୍ରତିଷ୍ଠା ଲାଭ କରିବ।

ଓଡ଼ିଶାର ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ପାଠଚକ୍ର ତଥା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଅପା/ଭାଇମାନଙ୍କୁ ଏଥିରେ ବହୁତ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ। ୩ଦିନ ପାଇଁ ପ୍ରତିନିଧି ଚାନ୍ଦା ୨୫ ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି।
ଦୟାକରି ଶୀତବସ୍ତ୍ର ସାଙ୍ଗରେ ଆଣିବେ ଏବଂ ସାନପିଲାମାନଙ୍କୁ ସାଙ୍ଗରେ ଆଣିବେ ନାହିଁ।

ଆପଣଙ୍କର
ଶ୍ରୀଅରବିନ୍ଦ ମହିଳା ପାଠଚକ୍ର
ତାରଙ୍ଗ, ଦେବଗଡ଼

ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ
ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସହିତ
ଯୋଗାଯୋଗ କରିବାକୁ ଅନୁରୋଧ।
ପୁଷ୍ପଲତା ବେହେରା -୯୬୯୨୭୭୪୧୨୭

ପଦ୍ମିନୀ ସାମଲ - ୯୧୭୮୫୮୮୦୧୦୯
ବୈଜୟନ୍ତୀ ପାତ୍ର- ୭୮୯୪୯୬୧୬୮୨ ନରେନ୍ଦ୍ର ଗଡନାୟକ- ୯୩୩୭୭୩୧୧୩୭
ହୃଶିକେଶ ଦେହୁରୀ-୮୧୧୪୩୮୩୮୬୯୨ ଉତ୍କଳଧର ସାହୁ-୯୯୩୮୮୯୫୨୨୦

THE MATRUBHABAN PATRA
Date of Publication 19.10.2026 OCTOBER 2026
RNI Regn. No. 65218/91 Registered OR/CK (C) -22/2024-26

୩୦ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ

ନଭେମ୍ବର ୭ ଏବଂ ୮, ୨୦୨୬

ସମ୍ମାନନୀୟା ଭଉଣୀ / ସମ୍ମାନନୀୟ ଭାଇ,

ଆମ୍ଭମାନଙ୍କର ନମସ୍କାର ନେବେ। ଜାଣି ଖୁସୀ ହେବେ ଯେ ଆସନ୍ତା **'୩୧ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ'** ୨୦୨୬ ମସିହା **ନଭେମ୍ବର ମାସର ୭ ଏବଂ ୮ ତାରିଖ** ଦୁଇଦିନ ଧରି **କଟକ ଜିଲ୍ଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗୋପୀନାଥପୁର**ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ସମ୍ମିଳନୀରେ ୧୨ ବର୍ଷରୁ ୧୯ ବର୍ଷ ବୟସର ବାଳିକାମାନଙ୍କୁ ଅଧିକ ସଂଖ୍ୟାରେ ଯୋଗଦେବା ପାଇଁ ଆମ୍ଭେମାନେ ଅନୁରୋଧ କରୁଅଛୁ। ଏହି ସମୟରେ ବାଳିକାମାନଙ୍କର ମାନସିକ, ପ୍ରାଣୀକ ତଥା ଶାରୀରିକ ସମସ୍ୟା ଏବଂ ସେସବୁର ସାସ୍ଥ୍ୟଗତ, ଆଧ୍ୟାତ୍ମିକ ତଥା ମନସ୍ତାତ୍ତ୍ୱିକ ସମାଧାନ ବିଷୟରେ ଅଭିଜ୍ଞ ଶିକ୍ଷାବିତ୍ ତଥା ଚିକିତ୍ସକମାନେ ଆଲୋଚନା କରିବେ।

ଏହି ସମ୍ମିଳନୀରେ ସମଗ୍ର ଓଡ଼ିଶାର ପ୍ରତ୍ୟେକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅନ୍ୟାନ୍ୟ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ମାନଙ୍କରେ ଅଧ୍ୟୟନ କରୁଥିବା ୧୨ ବର୍ଷରୁ ୧୯ ବର୍ଷ ବୟସର ଛାତ୍ରୀମାନେ ଯୋଗଦେବାକୁ ଅନୁରୋଧ। ନିଜ ନିଜ ସ୍କୁଲ ଅପା ଓ ପିଲାମାନଙ୍କୁ ଜଣାଇବା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କୁ ବିଶେଷ ଅନୁରୋଧ। ଏତଦ୍‌ବ୍ୟତୀତ ଘରେ ଥିବା କିମ୍ବା ଶ୍ରୀଅରବିନ୍ଦ ପାଠଚକ୍ରମାନଙ୍କରେ ଯୋଗ ଦେଉଥିବା ବାଳିକାମାନେ ମଧ୍ୟ ଯୋଗଦେବା ପାଇଁ ଆମ୍ଭେ ବିନମ୍ର ନିବେଦନ କରୁଅଛୁ।

ଶ୍ରୀଅରବିନ୍ଦ ମହିଳା ପାଠଚକ୍ର
ଶ୍ରୀଅରବିନ୍ଦ ମନ୍ଦିର
ଗୋପୀନାଥପୁର, କଟକ

ପ୍ରତିଷ୍ଠାତା - ଗଦାଧର ମିଶ୍ର ପରିଚାଳନା - ପ୍ରସାଦ

Printed, Published & Edited by Dr. Shyama Kanungo on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.
E-mail : matrubhaban@gmail.com Please visit us at : www.motherorissa.com